# ହୁଙ୍କାର

ଓଡ଼ିଆଙ୍କାର

**Hunkar Odiankar...**

# ସ୍ମରଣିକା ୨୦୨୪



www. hunkarfoundation.org
www.hunkarlive.com


NIMIDIHA, PARADEEP
G+3 BUILDING


FDI OFFICE, KENDRAPARA
G+2 OFFICE BUILDING


D-MAX, KENDRAPARA
COMMERCIAL BUILDING

# OUR PORTFOLIO


ZEROPOINT, PARADEEP
G+3 BUILDING


RICHCITY-1,NAKHARA
S+5 APARTMENTAL BUILDING


ZEROPOINT, PARADEEP
G+2 BUILDING








**FESTIVE DEVINE INFRA & SERVICES PVT. LTD.**

Plot No.-N1-A/7, 3rd Floor, IRC Village,
Bhubaneswar - 751015

9437000422 festivedevineinfra19@gmail.com

# ଓଡ଼ିଆଙ୍କର

# Hunkar Odiankar

a voice that can never be suppressed

## Preamble

Pledge for harmony with nature

Progress though partnership

Staying connected with people

# ହୁଙ୍କାର ଓଡ଼ିଆଙ୍କର
## Hunkar Odiankar


| | |
|---|---|
| ଶିଶିର କୁମାର ମହାନ୍ତି | ଅଧ୍ୟକ୍ଷ |
| ସୂର୍ଯ୍ୟକାନ୍ତ ପ୍ରଧାନ | ମୁଖ୍ୟ ସମ୍ପାଦକ |
| ଯୋଗେନ୍ଦ୍ର କୁମାର ଦାସ | ସମ୍ପାଦକ |
| ସୂର୍ଯ୍ୟକାନ୍ତ ସାହୁ | କୋଷାଧ୍ୟକ୍ଷ |

### ଟ୍ରଷ୍ଟୀ

ଆଲୋକ ରଞ୍ଜନ ବିଶ୍ୱାଳ
ସୂର୍ଯ୍ୟକାନ୍ତ ପଣ୍ଡା
ଦିପକ କୁମାର ନାୟକ
ରଜନୀ କାନ୍ତ ବିଶ୍ୱାଳ
ଚିତ୍ତରଞ୍ଜନ ସ୍ୱାଇଁ
ଦିନେଶ କୁମାର ସାହୁ
ଚର୍ତୁଭୂଜ ସାହୁ
ଶ୍ରୀମତୀ ସନ୍ତୋଷୀ ସାହୁ
ସୁନୀଲ କୁମାର ସେଠୀ
ରାଜେଶ କୁମାର କୁଣ୍ଡୁ
ବାସୁଦେବ ପତି
ଦୀପକ କୁମାର ସାହୁ
ଆଦିତ୍ୟ କୁମାର ରଥ
ଇନ୍ଦ୍ରଜିତ୍ ସ୍ୱାଇଁ

### ଉପଦେଷ୍ଟା ମଣ୍ଡଳୀ

ଶ୍ରୀମତୀ ନମ୍ରତା ଚଢ଼ା
ଦେବାଶିଷ ନାୟକ
ରମେଶ ଚନ୍ଦ୍ର ପତି
ଜାନକୀବଲ୍ଲଭ ରଥ
ବିଜନ କୁମାର ମହାନ୍ତି (ବୁଢା)
ଅକ୍ଷୟ କୁମାର ପାତ୍ର
ଡ଼. ସୁଶାନ୍ତ କୁମାର ବିଶ୍ୱାଳ
ସର୍ବେଶ୍ୱର ନାୟକ
ରମେଶ ଚନ୍ଦ୍ର ସ୍ୱାଇଁ
ଚିନ୍ମୟ ରଥ
ରାମକୃଷ୍ଣ ମିଶ୍ର
ରାଜେନ୍ଦ୍ର ପ୍ରସାଦ ମହାପାତ୍ର

### ଆଇନ ଉପଦେଷ୍ଟା

ରୋହିତ କୁମାର ସାମଲ
ଚିନ୍ମୟ ବଳିଆରସିଂହ

### ପରିଚାଳନା କମିଟି

ସର୍ବେଶ୍ୱର ପାତ୍ର
ମୋହିତ କୁମାର ବେହେରା
ମନୋରଞ୍ଜନ ସାହୁ
କାଳିଆ ବେହେରା
ରୋହିତ କୁମାର ଦଳବେହେରା
କୁନା ସେଠୀ
ଦିପ୍ତୀରଞ୍ଜନ ତ୍ରିପାଠୀ



**ମୁଦ୍ରଣ :**
**ପ୍ରେସ୍ ସାର୍ପ ଇମ୍ପ୍ରେସନ୍**
ଶିରିପୁର ମାର୍କେଟ, ୟୁନିଟ୍-୮, ଭୁବନେଶ୍ୱର
ମୋ.: 9937009661, 9438739661

धर्मेन्द्र प्रधान
ଧର୍ମେନ୍ଦ୍ର ପ୍ରଧାନ
Dharmendra Pradhan

सत्यमेव जयते

आज़ादी का अमृत महोत्सव

शिक्षा मंत्री
भारत सरकार
Minister of Education
Government of India



# MESSAGE

I am happy to know that **Hunkar Odiankar,** a social organisation with digital portals titled 'Hunkar Live' and 'Hunkar Foundation' is going to celebrate its **"8th Anniversary"** and to mark this occasion, a magazine 'Smaranika' is being brought out.

The role of civil society institutions in nation building has been well-acknowledged. The proactive public interface built by these institutions help make people an important stakeholders in governance. I commend the initiatives of **'Hunkar Odiankar'** towards dissemination of authentic information for building an informed citizenry wedded to the ideals of environmental sustainability, socio-economic well being of the underprivileged and peaceful community life.

My heartiest congratulations to the Hunkar Odiankar and its committed team and wish them all success in their noble endeavours.

**(DharmendraPradhan)**

सबको शिक्षा, अच्छी शिक्षा

MOE - Room No. 301, 'C' Wing, 3rd Floor, Shastri Bhavan, New Delhi-110 001, Phone : 91-11-23782387, Fax : 91-11-23382365
E-mail : minister.sm@gov.in



ଦୂରଭାଷ { କାର୍ଯ୍ୟାଳୟ :
ଇ.ପି.ଏ.ବି.ଏକ୍ସ. :

ସଂଖ୍ୟା .................. / ଉମୁମକୁକ୍ଲସଶ

ଭୁବନେଶ୍ୱର

ତାରିଖ ୧୧/୧୧/୨୦୨୪

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
**ଉପ ମୁଖ୍ୟମନ୍ତ୍ରୀ**
**କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି**

# ବାର୍ତ୍ତା

ସାମାଜିକ ସଂସ୍ଥା 'ହୁଙ୍କାର ଓଡ଼ିଆଙ୍କର' ଦୁଇଟି ଡ଼ିଜିଟରାଲ ପୋର୍ଟାଲ **"ହୁଙ୍କାର ଲାଇଭ"** ଓ **"ହୁଙ୍କାର ଫାଉଣ୍ଡେସନ"**ର ଅଷ୍ଟମ ବାର୍ଷିକୀ ପାଳନ ହେଉଥିବା ଓ ଏହି ଅବସରରେ ପତ୍ରିକା **'ସ୍ମରଣିକା - ୨୦୨୪'** ପ୍ରକାଶ ପାଉଥିବା ଜାଣି ମୁଁ ଆନନ୍ଦିତ ।

ଶିକ୍ଷା ଓ ପରିବେଶ ସୁରକ୍ଷା ଆମର ପ୍ରଧାନ କର୍ତ୍ତବ୍ୟ ଅଟେ । ହୁଙ୍କାର ପ୍ରକୃତି ସହିତ ସମନ୍ୱୟ ରକ୍ଷା ଉଦ୍ଦେଶ୍ୟରେ ବୃକ୍ଷରୋପଣ ଓ ସହନୀୟ ବିକାଶ କ୍ଷେତ୍ରରେ କରୁଥିବା କାର୍ଯ୍ୟ ନିଶ୍ଚିତରୂପେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଅନୁରୂପଭାବେ ପ୍ରାକୃତିକ ବିପଦବେଳେ ମୌଳିକ ସୁବିଧାରୁ ବଂଚିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ବାସଗୃହ, ରନ୍ଧା ଖାଦ୍ୟ ଯୋଗାଇବା ଓ ଏହାସହ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ରକ୍ତଦାନ ଶିବିର, ସଂସ୍କୃତି ଓ ଶୈକ୍ଷିକ କାର୍ଯ୍ୟକ୍ରମ ଦ୍ୱାରା ସାମଜିକ ସଚେତନତା ସୃଷ୍ଟି କରିବା ଏହାର ଏକ ଉଲ୍ଲେଖନୀୟ କୃତି । ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟକଳାପ ଜାରି ରିହବ ବୋଲି ମୋର ଆଶା ଓ ବିଶ୍ୱାସ ।

ଅଷ୍ଟମ ବାର୍ଷିକୀ ପାଳନ ଅବସରରେ ମୁଁ ହୁଙ୍କାର ସାମାଜିକ ସଂସ୍ଥାର ସମସ୍ତ କର୍ମକର୍ତ୍ତା, ସଦସ୍ୟ ସଦସ୍ୟାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରିବା ସହ ପତ୍ରିକା **"ସ୍ମରଣିକା - ୨୦୨୪"** ପ୍ରକାଶନର ସର୍ବ ସଫଳତା କାମନା କରୁଛି ।

**(କନକ ବର୍ଦ୍ଧନ ସିଂହଦେଓ)**

ଦୂରଭାଷ { କାର୍ଯ୍ୟାଳୟ : ୦୬୭୪-୨୫୩୬୬୪୨
ଇ.ପି.ଏ.ବି.ଏକ୍ସ. :

ସଂଖ୍ୟା ................. / ଉମୁମମଶିବିମିଶପ,
ଭୁବନେଶ୍ୱର

ତାରିଖ ୧୧/୧୧/୨୦୨୪



**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି,
ପର୍ଯ୍ୟଟନ

# ବାର୍ତ୍ତା

**"ହୁଙ୍କାର ଓଡ଼ିଆଙ୍କର"** ସାମାଜିକ ଅନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବ ଉପଲକ୍ଷେ ପତ୍ରିକା **"ସ୍ମରଣିକା-୨୦୨୪"** ପ୍ରକାଶ ପାଉଥିବା ଜାଣି ମୁଁ ଖୁସି ହେଲି ।

ଗଣମାଧ୍ୟମ ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିବେଶ ସୁରକ୍ଷା ସମ୍ବନ୍ଧରେ ସମାଜରେ ସଚେତନତା ସୃଷ୍ଟି କରିବା ଏକ ଉଲ୍ଲେଖନୀୟ ପ୍ରୟାସ । ଗଣତନ୍ତ୍ର ଶାସନର ଉଭୟ ସକାରାତ୍ମକ ଓ ନକାରାତ୍ମକ ଦିଗ ଉପରେ ଆଲୋକପାତ କରିବାରେ ଗଣମାଧ୍ୟମର ରହିଛି ପ୍ରମୁଖ ଭୂମିକା । ଏହି ପରିପ୍ରେକ୍ଷୀରେ "ହୁଙ୍କାର ଓଡ଼ିଆଙ୍କର" ଅନୁଷ୍ଠାନ ନିଜ ଡ଼ିଜିଟାଲ୍ ପୋର୍ଟାଲ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ସାମାଜିକ ଚେତନାକୁ ଜାଗ୍ରତ କରିବା ସହ ଗଣମାଧ୍ୟମରେ ଯୁବପିଢିଙ୍କ ଭୂମିକାକୁ ଆହୁରି ସଶକ୍ତ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ଏହି ଅବସରରେ ମୁଁ **'ହୁଙ୍କାର ଓଡ଼ିଆଙ୍କର'** ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ପତ୍ରିକା "ସ୍ମରଣିକା - ୨୦୨୪" ର ସର୍ବ ସଫଳତା କାମନା କରୁଛି ।

ପ୍ରଭାତୀ ପରିଡ଼ା
**(ପ୍ରଭାତୀ ପରିଡ଼ା)**



**ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର**
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ,
ବିଜ୍ଞାନ ଓ ବୈଷୟିକ


ଦୂରଭାଷ { କାର୍ଯ୍ୟାଳୟ : ୦୬୭୪-୨୫୩୬୯୬୫
ଇ.ପି.ଏ.ବି.ଏକ୍ସ. : ୨୩୨୨୧୮୨


ସଂଖ୍ୟା ................. / ମଖାଯୋଖାକବିବୈ,
ଭୁବନେଶ୍ୱର

ତାରିଖ ୦୬/୦୯/୨୦୨୪

# ବାର୍ତ୍ତା

ସାମାଜିକ ଅନୁଷ୍ଠାନ **"ହୁଙ୍କାର ଫାଉଣ୍ଡେସନ"** ଏବଂ **"ହୁଙ୍କାର ଡ଼ିଜିଟାଲ୍"** ଏହାରା ଅଷ୍ଟମ ପ୍ରତିଷ୍ଠା ଦିବସ ପାଳନ କରୁଥିବା ଏବଂ ଏହି ଅବସରରେ **"ସ୍ମରଣିକା - ୨୦୨୪"** ପ୍ରକାଶ ପାଉଥିବା ଜାଣି ମୁଁ ଆନନ୍ଦିତ ।

ମାନବ ସେବା ହିଁ ମାଧବ ସେବା । ବାତ୍ୟା, ଫନି ଓ କରୋନା ଭଳି ମହାମାରୀ ସମୟରେ ଦୁର୍ଦ୍ଦିନରେ ଥିବା ଲୋକମାନଙ୍କୁ ସାହାଯ୍ୟର ହାତ ବଢାଇ ସମାଜରେ ଉଦାହରଣ ସୃଷ୍ଟି କରିଛି **"ହୁଙ୍କାର ଫାଉଣ୍ଡେସନ"** । ଏଥି ସହ ବିଭିନ୍ନ ସମୟରେ ତଥା ଅପହଞ୍ଚ ଅଂଚଳରେ ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ସଚେତନତା ମୂଳକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଏହି ସଂସ୍ଥା ଅନେକ ସଫଳତା ହାସଲ କରିଛି । ଆଗାମୀ ଦିନରେ ଏହା ନିଜର କାର୍ଯ୍ୟକ୍ରମକୁ ବ୍ୟାପକ କରି ସମାଜର ଅବହେଳିତ ବର୍ଗଙ୍କ ହୃଦୟ ଛୁଇଁବ ବୋଲି ମୋର ଆଶା ।

ଏହି ଅବସରରେ ଉକ୍ତ ସଂସ୍ଥା ସହ ଜଡ଼ିତ ସମସ୍ତ ବ୍ୟକ୍ତି ବିଶେଷମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ସହ ସ୍ମରଣିକା ପ୍ରକାଶନର ସର୍ବ ସଫଳତା କାମନା କରୁଛି ।

(ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର)

सत्यमेव जयते

## Women’s Rights Activist Commission for Women



**Namrata Chadha**

Ex-Member State Advocate /
Women’s Rights Activist
Commission for Women

# MESSAGE

It’s a matter of immense pleasure for me that **Smaranika – 2024** , the literary journal published by **‘Hunkar Odiankar’** is celebrating the publication of its Eighth edition. The sole mission of getting connected with people around incorporated with the vision of transforming lives through its initiatives truly attest to the spirit, enthusiasm, determination and sense of integrity of the organization.

I wish an immense future to this social organization and its journal Smaranika – 2024

Namrata Chadha

**Namrata Chadha**



# ସଂପାଦକୀୟ

## ଏଥର ନିଜ ଚିନ୍ତା

ଏଇ ବିଶାଳ ଭୂ-ମଣ୍ଡଳରେ ମଣିଷ ଏକମାତ୍ର ପ୍ରାଣୀ ଯିଏ ତାର ଭୂତ-ବର୍ତ୍ତମାନ ତଥା ଭବିଷ୍ୟତ ବାବଦରେ ଚିନ୍ତା କରିବା ଓ ତଦନୁଯାୟୀ ନିଜର ଭୂମିକା କଣ ହେବା ଉଚିତ୍ - ତାହା ଅନେକାଂଶରେ ନିର୍ଦ୍ଧାରଣ କରିପାରେ, ନିଜର ସ୍ୱତନ୍ତ୍ର ବିଚାର ଶକ୍ତି ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରିପାରିବାର ଅଭ୍ୟାସ ବଳରେ । ଭୂଲ-ଠିକ୍‌ର ବିଶ୍ଳେଷଣ କରେ । ସଜାଗ ହୁଏ । ସର୍ତକ ବି । ସ୍ୱପ୍ନ ଦେଖେ, ସୁନେଲି ଢେଉ ଢେଉ ଭବିଷ୍ୟତର । ସୁତରାଂ, ମଣିଷ ଗୋଟେ ଚିନ୍ତାଶୀଳ ପ୍ରାଣୀ ।

ସଭ୍ୟତାର ପ୍ରାରମ୍ଭରୁ ମଣିଷ ଅନୁସନ୍ଧିତ୍ସୁ । ଠିକ୍ । ବରଂ, ବଣିଷର ଜୀବନ ଜିଜ୍ଞାସାରୁ ପ୍ରସୂତ ସଭ୍ୟତା - ଏକଥା ଅଧିକ ସ୍ପଷ୍ଟ । ପ୍ରାରମ୍ଭକାଳରୁ ଆଜିଯାଏ, ହଜାର ହଜାର ବର୍ଷ ଅନ୍ତରାଳେ ଅନେକ ବଦଳିଛି ସଭ୍ୟତା, ତତ୍‌ସହିତ ପୃଥିବୀର ଭୌତିକ ତଥା ଭୌଗୋଳିକ ରୂପରେଖ । ବଦଳିଛି ଜୀବନ ଜିଇଁବାର ଶୈଳୀ, ଆବଶ୍ୟକତା, ରୁଚି, କଳା-କୌଶଳ- ସବୁ କିଛି । ଏଇ ବଦଳିବା ମୂଳରେ ଦୁଇଟି ପ୍ରମୁଖକାରକ - ଗୋଟିଏ ପ୍ରାକୃତିକ ଓ ଅନ୍ୟଟି ସଂପୂର୍ଣ୍ଣ ମାନବୀୟ ଯାହା ତା'ର ନିୟନ୍ତ୍ରଣାଧିନ । ପ୍ରାକୃତିକ ପରିବର୍ତ୍ତନ ମଣିଷକୁ କିନ୍ତୁ ଚେତେଇ ଦିଏ ତା'ର ଅସ୍ତିତ୍ୱ କେତେ ନଗନ୍ୟ । ତଥାପି ମଣିଷ ଗର୍ବ କରେ । ଯୁଦ୍ଧ କରେ । ସେ ଶକ୍ତିଶାଳୀ । ବୁଦ୍ଧିମାନ ବି ।

ରାତିର କିଟ୍ କିଟ୍ ଅନ୍ଧାର ଭିତରେ ଆତଙ୍କରେ ଅଚେତ ହୋଇ ପଡ଼ିଥିବା ଏକଦା ବିକାଶର ଅନୋଖା ଆଲୁଅରେ ଝିଲ୍‌ମିଲ୍ ଶାନ୍ତି- ସଦଭାବର ସହର ହଠାତ୍ ଚିହିଁକି ଉଠେ, ସୁରକ୍ଷାର ସଶକ୍ତ ବଳୟକୁ ଭେଦ କରିଥିବା ଶତ୍ରୁ ପକ୍ଷର ସର୍ବାଧୁନିକ ମିଜାଇଲ ମାଡ଼ରେ । ଛାତି ସହ ସମୁଦାୟ ପ୍ରାଣ ସତ୍ତା ଦୋହଲି ଯାଏ ବିସ୍ଫୋରଣର ଭୀଷଣ କମ୍ପନରେ । ଯୁଦ୍ଧରତ ଯବାନ ନିଖୋଜ ହୁଏ । ମା' କୋଳ ଖାଲିପଡ଼େ ଅବଶିଷ୍ଟ ଜୀବନ ପାଇଁ । ଲୁହ-ଲହୁ ଏକାକାର ହୁଏ ବିସ୍ଫୋରଣ ଧୂଆଁରେ । ମୃତ ଶତାବ୍ଦୀଙ୍କ କବରରେ ମଣିଷ ଅନାଗତ ପୃଥିବୀର ନକ୍ସା ଆଙ୍କେ । ବିଶ୍ୱବଜାର, ଇଣ୍ଟନେଟଏ, ଖବର କାଗଜ, ଚା ଖଟି-ସବୁଠି ଚର୍ଚ୍ଚା । ସରଗରମ କୂଟନୀତି । ପ୍ରୟାସ ବି ହୁଏ । କିନ୍ତୁ ଜାରିରହେ ଯୁଦ୍ଧ ।

ମାଟିରୁ ଆକାଶ, ଆକାଶରୁ ସମୁଦ୍ରର ଅତଳ ଗର୍ଭଯାଏ ବ୍ୟାପ୍ତ ମଣିଷର କ୍ରିୟାକଳାପ । ଯୁଦ୍ଧ, ବିଭୀଷିକା- ସବୁକିଛି । ଦିଗ୍‌ବିଜୟୀ ସମ୍ରାଟ ଆଲେକଜାଣ୍ଡାର, ନେପୋଲିୟନ ଅବା ହିଟଲର - ସାରା ପୃଥିବୀକୁ ଜିତିବାର ନିରନ୍ତର ପ୍ରୟାସ ଆଢୁଆଳେ ମଣିଷ ନିଜର କେତେ ଯେ କ୍ଷତି ସାଧନ କରିଛି, ତା'ର କଳନା ନାହିଁ । ନିଜର, ନିଜ ପରିବାରର, ନିଜ ଧର୍ମର, ନିଜ ଜାତି ଅବା ଦେଶର ପତିଆରା ପ୍ରତିଷ୍ଠା କରିବା ଓ ନିଜକୁ ଅନ୍ୟଠୁ ବେଶି .... ନାଇଁ .... ତା'ଠୁ ବି ବେଶି ... ଓଃ ସବୁଠୁ ବେଶି ଠୁ ବି ବେଶି ପ୍ରଭାବଶାଳୀ, ବିତ୍ତଶାଳୀ ତଥା ଶକ୍ତିଶାଳୀ ବୋଲି ପ୍ରମାଣ କରିବା ଛଳରେ କେତେ ଯୁଦ୍ଧ ରଚିଛି । ଧ୍ୱଂସ କରିଚି ତା' ନିଜ ଗଢା ସଭ୍ୟତାକୁ । କଳକାରଖାନା ବି ଗଢିଛି ଅନେକ । ସୌଖିନ ଜୀବନ ପାଇଁ । ଯୁଦ୍ଧ ପାଇଁ ବି ।

ଏହି ଗଢ଼ିବା ଓ ଭାଙ୍ଗିବା ଭିତରେ ବିଗାଡ଼ି ଦେଇଛି ପୃଥିବୀର ଭୌତିକ, ରାସାୟନିକ ତଥା ଜୈବମଣ୍ଡଳ ମଧ୍ୟରେ ଥିବା ପ୍ରାକୃତିକ ସନ୍ତୁଳନ ଓ ସମନ୍ୱୟକୁ, ଯା'ର ପରିଣାମର ଭୟାବହତା ଭୋଗିବାକୁ ପଡ଼ିଛି ଏଇ ମଣିଷକୁ ସବୁଠୁ ବେଶି । ମାଟି-ପାଣି-ପବନ ପ୍ରଦୂଷଣର ହଳାହଳ ବିଷରେ ଆକ୍ରାନ୍ତ ଓ ସଂକ୍ରମିତ । ସହରଠୁ ଗାଁ, ନଦୀ ଗର୍ଭରୁ ଆକାଶ ଯାଏ ପରିଲକ୍ଷିତ ତା'ର ପ୍ରଭାବ । ଅବକ୍ଷୟୀଷ୍ଣୁ ପୃଥିବୀ । ଜଙ୍ଗଲକ୍ଷୟ, ମୃତ୍ତିକାକ୍ଷୟ, ସମ୍ବଳ କ୍ଷୟ, ପରିସଂସ୍ଥାନ, ସମ୍ପର୍କ, ଆବେଗ ଓ ଆହୁରି କେତେ କଣ କ୍ଷୟ । ଯାରି ଭିତରେ କେତେ କେତେ ପ୍ରଜାତିର ଜୀବଜନ୍ତୁ, ତରୁଲତା, କୀଟପତଙ୍ଗ ବିଲୁପ୍ତ ହେଲେଣି ଅବା ହେବାକୁ ବସିଲେଣି, କେବଳ ମଣିଷ ପାଇଁ । ତା କ୍ରିୟାକଳାପ ପାଇଁ । ତା'ର ଜାବତୀୟ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଏସବୁ କ୍ଷୟକ୍ଷତି । ସୁତରାଂ, ସବୁ ଅବକ୍ଷୟ ଓ ଧ୍ୱଂସ ପଛରେ ମଣିଷର ପ୍ରତ୍ୟକ୍ଷ ଅବା ପରୋକ୍ଷ ହାତ ।

ଏ ପୃଥିବୀ କ'ଣ ଏକ ମଣିଷର ନା ମଣିଷ ଏକା ଏ ପୃଥିବୀର ? ଅସମ୍ଭବ । ପରିବେଶ ଓ ପରିସଂସ୍ଥାନର ସମନ୍ୱୟ ବିନା ମଣିଷ ବଂଚିବ କେମିତି ? ମଣିଷ ବିନା କିନ୍ତୁ ଅବଶିଷ୍ଟ ପୃଥିବୀ, ପଶୁପକ୍ଷୀ, ବୃକ୍ଷଲତା, ନଦୀ ସମୁଦ୍ର ସବୁ କିଛି ତିଷ୍ଠିପାରେ ପୂର୍ବ ଭଳି । ସଭ୍ୟତାର ଆରମ୍ଭ କାଳ ସଦୃଶ ।

ମଣିଷ ବିନା ପୃଥିବୀ !
ଆଶ୍ଚର୍ଯ୍ୟ ଲାଗିବି ନିଶ୍ଚୟ । ହେଲେ ଏମିତି କ'ଣ ଘଟିପାରେ ?
ହୁଏତ, ହଁ ।
କିଏ ଜାଣେ ?
ଏ ପୃଥିବୀରେ ସବୁ ସମ୍ଭବ
ମଣିଷ ବିନା ପୃଥିବୀ ବି !!
କିମ ଅଧିକମ୍ ?

**ଯୋଗେନ୍ଦ୍ର ଦାସ**



# From the Chief Editor's Pen ....

'Sustainable- development' is no more a topic for debate or discourse, but has emerged as a challenge to address globally. Today every country of the world strives to achieve economic prosperity by setting up large scale industries. More industries means more exploitation of resources and minerals as well as more threat of pollution. Consequently, every sphere of human activities has become polluted.

Human beings always need more- more comfort, more space, more land- more of everything. More land for the growth of infrastructure means more deforestation which has resulted in serious environmental hazards. Ranging from tsunami to landslides, human beings have experienced the fury of nature and the devastation wrought by it. Massive industrialization and environmental degradation have become synonymous. The threats triggered by global warming, climate charge, pollution (land, water and air) floods, droughts etc have tremendously affected the living organisms as well as the ecological balance.

How long will life sustain in the earth? Together we have destroyed the eco-system. So it is our collective responsibility to restore it for the sake life and for upholding and safeguarding the life-supporting substances of the earth.

Human brigs all over the world are causing harm to themselves as well as to the planet earth. Now it's time to brood and ponder over the future of the earth. Global initiatives in this regard are just not enough. People must act locally, initiate steps to protect their immediate surroundings. Developmental works need to be revamped in an order that is more environmental friendly and less menacing. A perfect order of harmony with nature has to be established. This is what is the sole objective of sustainable development. Development, as a matter of fact, is a continuous process. Infinite is its scope. Development at the cost of natural degradation is hazardous. It has to be curbed and controlled. There is no way out. According to Gandhi ji , 'Earth has enough to satisfy all men's need, but no body's greed.' Greed to possess more, become more prosperous and powerful- these are the real threats to the earth. Amidst clamour and chaos, war and the ravages caused by it , development of nuclear weapons, new technologies to conquer more- human world is undergoing unprecedented changes. The leading economic powers of the world are constantly at odds with each other posing more threats to developing and under developed economies. Forced migrations caused by natural factors as well as the consequences of human actions have been a cause of serious concern.

Peaceful co-existence, harmony with nature, conscientious use of resources, controlling the rapid growth of population, increasing the potential of human resources through education and training as well as promoting collective awareness are some of the measures to be initiated both globally and locally in proper co-ordination with different levels of governments and agencies. Common people have yet a more important role to play in regard.

Development for sustenance is more important than the development that causes destruction.

**Suryakanta Pradhan**



# ଅଧକ୍ଷଙ୍କ କଲମରୁ

## କିଛି ଅନୁଭୂତିର କଥା

**ଶିଶିର କୁମାର ମହାନ୍ତି**

ଲେଖିବା ମୋର ଅଭ୍ୟାସ ନୁହେଁ । କଥାରେ ଅନୁଭୂତି ବଖାଣିବା ଓ ସେହି ସମାନ କଥାକୁ କାଗଜ ପୃଷ୍ଠାରେ ଲିଖିତ ଆକାରରେ ପ୍ରକାଶ କରିବା, ମୋତେ ଲାଗେ, ଦୁଇଟି ଅଲଗା ବ୍ୟାପାର । କହିବା ସହଜ କାରଣ ନିଜ ଲୋକଙ୍କ ଗହଣରେ ଦି'ପଦ ଇଆଡୁ ସିଆଡୁ ଗପିବା ଭିତରେ ପ୍ରସଙ୍ଗଚ୍ୟୁତ୍ୟ ହେଲେ ଚଳିବ । ଶବ୍ଦ ଚୟନରେ ବି ସେତେଟା ସତର୍କତା ଅବଲମ୍ବନ କରିବାକୁ ପଡ଼ିନ ଥାଏ । ମାତ୍ର ଲେଖାରେ ଏସବୁ ଚଳିବନି । ଭାବ ଓ ଭାଷାର ସମନ୍ୱୟ ଏକାନ୍ତ ଆବଶ୍ୟକ । ତେବେ ମୋର ଏଦିଗରେ ପ୍ରଚେଷ୍ଟା କାହିଁକି ? ଗୋଟେ ସାମାଜିକ ଅନୁଷ୍ଠାନ (ହୁଙ୍କାର ଓଡ଼ିଆଙ୍କର) ଅଧକ୍ଷ ହିସାବରେ କେବଳ କିଛି ଅନୁଭୂତିର କଥା ଉପସ୍ଥାପନ କରିବା ଏକମାତ୍ର ଉଦ୍ଦେଶ୍ୟ ।

ପରିବେଶ ଓ ପରିସ୍ଥିତି ମଣିଷକୁ ଅନେକ କଥା ଶିଖାଇଦିଏ, ଯାହା ହୁଏତ ପାଠ୍ୟ ପୁସ୍ତକରେ ଖୋଜି ପାଇବା କଷ୍ଟ । ଜୀବନ ତ ସବୁଠୁ ଜଟିଳ, ସବୁଠୁ ବିସ୍ତୃତ ପାଠ୍ୟକ୍ରମ । ବାସ୍ ନିଜ ସହ ଓ ନିଜ ଚର୍ତୁପାର୍ଶ୍ୱରେ ଘଟିଯାଉଥିବା ଘଟଣା ଅଘଟଣକୁ ନିରପେକ୍ଷ ଆଖିରେ ନୀରିକ୍ଷଣ କଲେ ହେଲା । ବାସ୍ତବତାକୁ ସାମ୍ନା କରି ହୁଏ, ଆପଣା ଛାଏଁ ।

ହୁଙ୍କାର ଓଡ଼ିଆଙ୍କର ଅଷ୍ଟମ ବାର୍ଷିକୀ ଉତ୍ସବ ଅବସରରେ ପ୍ରକାଶ ପାଉଥିବା ପତ୍ରିକା । ସ୍ମରଣିକା - ୨୦୨୪ ହୁଙ୍କାର ପରିବାର ଓ ଏହି ଅନୁଷ୍ଠାନ ସହ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ଜଡ଼ିତ ଅଗଣିତ ସହଯୋଗୀ ଓ ଶୁଭେଚ୍ଛୁ ବୃନ୍ଦଙ୍କୁ ମୋର ଅନେକ ସାଧୁବାଦ । ଆନ୍ତରିକତା ପୂର୍ଣ୍ଣ ଅଭିନନ୍ଦନ ଓ ଶୁଭେଚ୍ଛା ବି ।

ମନେପଡ଼େ James Patrick Kenny ଙ୍କ ଲିଖିତ କବତା 'Cold Within'ର ସାରମର୍ମ ଓ ଉକ୍ତ କବିତା ମାଧ୍ୟମରେ କବିଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା । ଯାହା ସମଗ୍ର ମାନବ ସମାଜ ପାଇଁ ସବ୍ରତ୍ର ଓ ସର୍ବକାଳ ପ୍ରଜୁଜ୍ୟ ବୋଲି ମୋର ମନେହୁଏ । ଛଅ ଜଣ ଭିନ୍ନ ମଣିଷ ଆକସ୍ମିକ ପରିସ୍ଥିତିରେ ପ୍ରଚଣ୍ଡ ମଞ୍ଜ ଥରା ଶୀତରେ ଏକାଠି ଫସିଛନ୍ତି ପରସ୍ପର ପ୍ରତି ପ୍ରବଳ ଘୃଣା ଓ ଅସହିଷ୍ଣୁତା ସତ୍ତ୍ୱେ । ଭିନ୍ନ ସମ୍ପ୍ରଦାୟ, ଭିନ୍ନବର୍ଣ୍ଣ, ଭିନ୍ନ ସାମାଜିକ ପୃଷ୍ଠଭୂମି, ଭିନ୍ନବିଚାର । ସବୁକିଛି ଭିନ୍ନ । ସେମାନେ ରୁଣ୍ଡ ହୋଇଛନ୍ତି କ୍ରମଶଃ ନିର୍ବାପିତ ହୋଇ ଆସୁଥିବା ନିଆଁକୁ ଘେରି ହୋଇ । ସମସ୍ତଙ୍କ ହାତରେ ଥିଲା ଖଣ୍ଡେ ଖଣ୍ଡେ ଶୁଖିଲା କାଠ ଯାହା ଲିଭିବାକୁ ବସିଥିବା ନିଆଁକୁ ବଂଚେଇ ରଖିପାରିଥାନ୍ତା । ଜିଇଁଯାଇ ଥା'ନ୍ତେ ହୁଏତ ସମସ୍ତେ । କିନ୍ତୁ ହାୟ ! ସେମିତି କିଛି ଘଟିଲାନି ସେମାନଙ୍କ ଭାଗ୍ୟରେ । ଭାଗ୍ୟ ନୁହଁ, ବରଂ ସେମାନଙ୍କ କ୍ଷେତ୍ରରେ । ସେମାନଙ୍କ କୁତ୍ସିତ ଓ କଳୁଷିତ ଚିନ୍ତାଧାରା ଓ ପରସ୍ପର ପ୍ରତି ଭରି ହୋଇଥିବା ପ୍ରବଳ ଘୃଣା ଓ ଅହଂ ଭାବରେ । ପରିଣାମ - ସମସ୍ତେ ମଲେ । ବାହାରର ପ୍ରାଣଘାତୀ ଥଣ୍ଡାରେ ନୁହଁ - ବରଂ ନିଜ ଭିତରେ ହଜି ଯାଇଥିବା ସମ୍ବେଦନଶୀଳତା ଓ ମାନବିକତା କାରଣ ହେତୁ । ମୃତ୍ୟୁ ପରେ ପରେ ବି ପ୍ରତ୍ୟେକ ମୁଠେଇ ଧରିଥିଲେ ନିଜ ନିଜର କାଠଖଣ୍ଡ ପୂର୍ବପରି । ଏହାହିଁ ବିଡ଼ମ୍ବନା । ଅସହିଷ୍ଣୁତାର ପରିଣାମ କେତେ ଭୟଙ୍କର ହୋଇପାରେ ତାହା ଏଥିରୁ ସ୍ପଷ୍ଟ ।

ଏମିତି ଅନେକ ମରୁଛି ଅବା ମରି ମରି ବଂଚୁଛି ମଣିଷ । ଏଠି ଏକତାର ଅଭାବ । ସବୁ ଦେଖାଣିଆଁ । ଉପରଠାଉଣିଆ । ଭିଡ଼ ଭିତରେ ବି ମଣିଷ ଏକା । ଗୋଟେ ସମୃଦ୍ଧ ସାମାଜିକ ଜୀବନ ପାଇଁ ପାରସ୍ପରିକ ସହଯୋଗ, ଉତ୍ତମ ବୁଝାମଣା, ଭାଇଚାରା ଭାବ ଓ ସର୍ବୋପରି ସହିଷ୍ଣୁତା ଏକାନ୍ତ ଜରୁରୀ ।

ଲୋକମାନଙ୍କୁ ଲୋକମାନଙ୍କ ସହଯୋଗ ଯୋଡ଼ିବା, ସୁବିଧା ଅସୁବିଧାରେ ସହଯୋଗର ହାତ ବଢାଇବା, ସୁଖ ଦୁଃଖ ବାଣ୍ଟିବା ହିଁ ଆମ ସାମାଜିକ ଜୀବନର ମୂଳଦୁଆକୁ ସୁଦୃଢ଼ କରେ । ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ପ୍ରୟୋଗ ମଣିଷକୁ ଆତ୍ମନିର୍ଭରଶୀଳ କରିବା ସହିତ ନିଃସଙ୍ଗ କରିଛି ଅନେକାଂଶରେ । ସେ ଫନି ହେଉ ଅବା ମହାମାରୀ କରୋନା । ସବୁ ପରିସ୍ଥିତିରେ ହୁଙ୍କାର ଓଡ଼ିଆଙ୍କର ଲୋକ ମାନଙ୍କ ସହ ଯୋଡ଼ି ହୋଇ ସହଯୋଗର ପ୍ରୟାସ ଜାରି ରଖିଚି ବିଗତ କିଛି ବର୍ଷ ଧରି । ବିପତ୍ତି କାଳରେ ଜରୁରୀକାଳୀନ ସେବାଯୋଗାଇ ଦେବଠାରୁ ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିରର ଆୟୋଜନ ଆଦି ଅନେକ ଜନହିତୈଶି କାର୍ଯ୍ୟକ୍ରମରେ ହୁଙ୍କାର ଓଡ଼ିଆଙ୍କର ସର୍ବଦା ଅଗ୍ରଣୀ ଭୂମିକୁ ନିର୍ବାହ କରି ଆସୁଛି । ଆମ ପରମ୍ପରା ଓ ସାଂସ୍କୃତିକ ଧାରାକୁ ଅକ୍ଷୁର୍ଣ୍ଣ ରଖିବା ଓ ଆଗାମୀ ପିଢ଼ୀପାଇଁ ଏକ ସୁସ୍ଥ-ସମୃଦ୍ଧ ସାମାଜିକ ପରମ୍ପରା ସୃଷ୍ଟି କରିବା ଆମର ପ୍ରୟାସ ।

ଟିକେ ତ୍ୟାଗ, ଟିକେ ସହଯୋଗ ଓ ସହଭାଗିତା ବିରାଟ ପରିବର୍ତ୍ତନ ଆଣିପାରେ ସମାଜରେ । ଟେନାଏ ହସ ସୃଷ୍ଟି କରିପାରେ ଦୁସ୍ଥ ଅସହାୟ ମଣିଷ ମୁହଁରେ । ନୂଆ ସମ୍ଭାବନା ସୃଷ୍ଟି କରିବାରେ ଜୀବନପାଇଁ । ଏଇ ବିଶ୍ୱାସ ସଂକଳ୍ପକୁ ପାଥେୟ କରି ଆମର ଏ ଅଭିଯାନ ହୁଙ୍କାର ଓଡ଼ିଆଙ୍କର ।

# About Hunkar .........

A leading non- government social organization 'Hunkar Odiankar' came into being with the sole objective of getting connected with people and transforming lives through its initiatives. From education to environment, health awareness to natural disaster management , Hunkar odiakara has been playing a key role in different spheres of our socio-cultural life. Living in harmony with each other, extending support and co-operation to those in distress and creating awareness among people to make the earth a better living place for peaceful co-existence of all are some of the major challenges in this fast changing world of machines and modernity.

We, as an organized social group, firmly believe in the values of social unity and integrity, progress through co-operation and partnership. We constantly strive to progress in that direction by uniting people. Every man has social obligations, apart from personal obligations for family and own people, but we are so much absorbed in our personal affairs that we find hardly any time to spare in matters of social interest .Our little initiatives will make big difference in many ways. Keeping our surroundings clean, planting trees in the neighborhood, offering teachings to children from nearby slums, are some of the activities that we can initiate. Being involved in social affairs is important. When every man has a share of water, land, air, public properties, it is every body's responsibility to take care of them and protect them for the future generation. Hunkar Odiakar has been active on the social front over the years in co-operation and partnership with people around us. The overwhelming response of people in this regard has become the main driving force the organization.

**Glimpses of Hunkar Odiankar**





**Plantation Drive**

Plant trees, save the planet

Amidst increasing environment hazards and depletion, it is our collective responsibility to save and protect our immediate surroundings. Plantation drive is a major initiative in this regard. Hunkar Odiankara has organized numerous plantation drives in different areas, especially on roadsides and open spaces. Massive plantation can combat global warming, climate change and alarmingly increasing air pollution.

## Blood Donation and Health Camps









Each drop of blood is precious. Donate blood, save life.

Changing life style and food habits have significantly contributed to increasing health issues, especially among the youth. Through health camps, Hunkar Odiankar is trying to spread awareness among people for healthy life, for much of success and development of society depends on the well being of its people. Life style has changed dramatically. Mechanized life has resulted in serious implications. It is essential to teach the younger generation the benefits of yoga, pranayam, medition, cycling, physical activates and so on for healthy life sake. Through health camps, we focus on making people aware of these things.

Besides, blood donation campus are being organized to supply blood to various blood blanks for surplus blood storage to meet emergency situations. Blood is life. ‘No one should die in want of blood’- is our mission.




Felicitation by Commissionerate Police for our Service to the cause of society, especially for making necessary arrangements for the cremation of unidentified corpses. A tribute to the deceased.



A glorious moment with Hon'ble MP Bhubaneswar Mrs. Aparajita Sarangi with Team Hunkar



Our Special thanks to Mr. Sura Routray for being with Team Hunkar.





Readers' Digest **Distribution of Smaranika-2023**





## Distribution of Smaranika-2023






Our Special Moments with Ramesh Ch. Behera, MLA, Dasapalla &
Pramod Ku. Panda, Astrologer and Vastu Bisarada with Team Hunkar.
(from left to right)



# ସୂଚୀପତ୍ର


| କ୍ରମିକ | ବିଷୟ | ଲେଖକ / ଲେଖିକା | ପୃଷ୍ଠା |
|---|---|---|---|
| ୦୧. | ଭିନ୍ନ ଏକ ମହାବଳ | ବେବିଲତା ଶତପଥୀ | ୧୯ |
| ୦୨. | ଶ୍ରୀକ୍ଷେତ୍ର ରଥଯାତ୍ରା | ଶ୍ରୀମତୀ କଳ୍ପନା ପଣ୍ଡା | ୨୩ |
| ୦୩. | ଆଲୋକ ପ୍ରଦୂଷଣ | ରାଜେନ୍ଦ୍ର ପ୍ରସାଦ ମହାପାତ୍ର | ୨୫ |
| ୦୪. | ବାପା | ସଂଯୁକ୍ତା ଦାସ | ୨୭ |
| ୦୫. | ଜନ୍ମାନ୍ତର | କମଳିନୀ କାସ୍ତ | ୨୯ |
| ୦୬. | କିଏ କାହାର ମାଲିକ ? | ଚୌଧୁରୀ ଶୁଭଶ୍ରୀ ଦାଶ | ୩୨ |
| ୦୭. | କାନ୍ଦନ୍ତୁ, ଭାଙ୍ଗନ୍ତୁ ନାହିଁ | ସ୍ୱାମୀ ସୁଦ୍ଧାନନ୍ଦ | ୩୪ |
| ୦୮. | ପ୍ରତିଶ୍ରୁତି ପତ୍ର | ଡ଼. ରତ୍ନାକର ସିଂହ | ୩୭ |
| ୦୯. | ନିର୍ଭୟ | ସର୍ବେଶ୍ୱର ନାୟକ | ୩୯ |
| ୧୦. | କି ଅବୁଝା ଏ ବର୍ଷା | ସିତେନ୍ଦୁ ନାୟକ | ୪୦ |
| ୧୧. | ପକ୍ଷୀ | ପ୍ରବୀର କୁମାର କମିଲା | ୪୧ |
| ୧୨. | ମୋନାଲିସା ପାଇଁ | ବାଣୀଶ୍ରୀ ପ୍ରଭାତ କୁମାର ଆଚାର୍ଯ୍ୟ | ୪୨ |
| ୧୩. | ମୁଁ ମଣିଷ ପରି ମଣିଷଟେ ହେବି | ମଧୁସୂଦନ ମିଶ୍ର | ୪୩ |
| ୧୪. | ଜନ୍ମଭୂମି ପାନବରଜ | ରୁଦ୍ର, ଖୋର୍ଦ୍ଧା | ୪୪ |
| ୧୫. | ଅଭିପ୍ସା | ଅଜୟ କୁମାର ମହାନ୍ତି | ୪୫ |
| ୧୬. | ମୋ ଦେଶ | ବିଷ୍ଣୁପ୍ରିୟା ମହାନ୍ତି | ୪୬ |
| ୧୭. | ସକାଳୁ ଆସିଚି ବରଷାରାଣୀ | ଡ଼. ସରୋଜିନୀ ମହାପାତ୍ର | ୪୭ |
| ୧୮. | କାଲି ଆଜି ଆଉ କାଲି | ରାମକୃଷ୍ଣ ମିଶ | ୪୮ |
| ୧୯. | ଶୀର୍ଷକ : ନାରୀ | ଶୁଭମ ବେହେରା | ୫୦ |
| ୨୦. | Motivation from Lord Hanuman | Alok Ranjan Biswal | ୫୧ |
| ୨୧. | Struggle | Ramesh Chandra Swain | ୫୨ |
| ୨୨. | Amazing Scientific Facts | Santosh Kumar Roul | ୫୪ |
| ୨୩. | On Educating Young Minds | Prabhasini Biswal | ୫୫ |



# ଭିନ୍ନ ଏକ ମହାବଳ

ବେବିଲତା ଶତପଥୀ

ଗୋଟାଏ ପରେ ଗୋଟାଏ ଅତୀତର ସେଇ ପୁରୁଣା ପୃଷ୍ଠାକୁ ଓଲଟାଉଥିଲା ସୁନି । କେତେବେଳେ କାନ୍ଦୁଥିଲା ତ କେତେବେଳେ ହସୁଥିଲା, ଦୁନିଆ ତାକୁ ପାଗେଳି କହୁଚି ପାଗେଳି ନୁହଁ ତ ବଦ୍ଧ ପାଗେଳି କହୁଚି, କହିବନି ବା କେମିତି, ସମାଜ ଆଖିରେ ସେ ଘୃଣ୍ୟ, ଅପବିତ୍ରା, ଅଛୁଆଁ । ପ୍ରେମ ତାର ମୂଲ୍ୟହୀନ ପଇସାକର, କିଏ କାଇଁ ତାକୁ ବୁଝିବ, କଣ ବା ଦରକାର । ତା ପ୍ରତାରଣାର ବଦଲା କିଏ ନେବ, ନାଁ ତା ପ୍ରେମର ମୂଲ୍ୟ କିଏ ଦେବ ? ସେ ତ ଝରା ଶେଫାଳିଟିଏ, ତାର ସ୍ୱପ୍ନ ଥିଲା ଗଙ୍ଗ ଶିଉଳିର, ରାତି ପାହିଗଲା, ତାର ପ୍ରେମ ମରିଗଲା ସେ ହେଇଗଲା ଅଲୋଡ଼ା, ଅଖୋଜା । କାଳେ ଧୂଳିରୁ ଝାଡ଼ି ଆଣି କିଏ ମଥାରେ ସଜେଇ ଦେବ ଦଇବ ତାକୁ ସେତକ କରେଇ ଦେଲାନି । ତାର ସବୁ ବାସ୍ନା ନେଇ ତାକୁ ଗଙ୍ଗ ଶିଉଳିରୁ ପଳାଶ କରିଦେଲା, ସେକଣ ଜାଣିଥିଲା ତାର ପୁଣ୍ୟ ତାକୁ ପାପର ଆଖ୍ୟା ଦେବ ? ତା ପ୍ରେମ ତାକୁ ପ୍ରତରାଣା କରିବ ? ଦେବତା ଆସନରେ ଯାହାକୁ ସେ ପୂଜୁଛି ସେ ଜଙ୍ଗଲର ପଶୁଠାରୁ ବି ଭୟଙ୍କର ହୋଇଯିବ, ଖାଲି ପଶୁ ତ ନୁହେଁ ପାଲଟିଗଲା ମହାବଳ । ସେ କାହାକୁ କହିପାରିଲା ନାଁ ନିଜେ ସହିପାରିଲା, ସଭ୍ୟ ସମାଜରେ ରହି ସେ ପାଲଟିଗଲା ତା ପାଇଁ "ଭିନ୍ନ ଏକ ମହାବଳ" ।

ତଥାପି ସେ ଭାବୁଥିଲା, ଖୋଜୁଥିଲା ଅତୀତକୁ । ସେଦିନ ପୁନେଇଁ ଜହ୍ନର ଜୋଛନାରେ ଭିଜି ଭିଜି ନିଜକୁ ହଜେଇ ଦେଇଥିଲା ସୁନୀ । ସୁମିତକୁ ନେଇ କେତେ କଣ ଭାବି ଯାଉଥିଲା ସେ, ସତେ ଯେମିତି ସୁମିତ ଛଡ଼ା ତା ଆଖିକୁ ଆଉ କେହି ଦିଶୁ ନ ଥିଲେ, ସଂସାରଟା ସୁମିତମୟ ଦିଶୁଥିଲା, କାହିଁକିନା ସୁମିତ ଥିଲା ତାର ନିଛକ ଭଲପାଇବା, ନିରୁଟା ପ୍ରେମ ।

ପିଲାଦିନର ବାଲିଖେଳ, ସ୍କୁଲ ଜୀବନର ହସଖୁସି ସବୁକିଛି ଗୋଟି ଗୋଟି ହୋଇ ଚଳଚିତ୍ର ପରି ଭାସି ଯାଉଥିଲା ତା ମାନସ ପଟରେ । ଯେହେତୁ ସେ ଗୋଟିଏ ରକ୍ଷଣଶୀଳ କୁଳୀନ ବ୍ରାହ୍ମଣ ଘରର ଝିଅ ଥିଲା ମାଟ୍ରିକ ପରେ ତାର ପାଠ ପଢାରେ ଘରେ ନନା, ବୋଉ ଏତେଟା ଆଗ୍ରହ ପ୍ରକାଶ କରି ନ ଥିଲେ । ଯଦିଓ ତାର ପ୍ରବଳ ଜିଦ୍ ଆଗରେ ସେମାନେ ହାର୍ ମାନି ଯୁକ୍ତ ଦୁଇ କଳାରେ ନାମ ଲେଖାଇ ଦେଇଥିଲେ । ସୁନ୍ଦର ରୂପ ସାଙ୍ଗକୁ ତାର ପାଠ, ଗୀତ, ଅଭିନୟ ଅନ୍ୟକୁ ସହଜରେ ଆକୃଷ୍ଟ କରି ପାରୁଥିଲା । ତାପଛରେ ପୁଅ ମାନଙ୍କର ଲାଗିଥିଲା ଲମ୍ବା ଲାଇନ- କିଏ ଗୋଲାପ ଦେଲାଣି ତ କିଏ ଚକୋଲେଟ ଯାଚିଲାଣି, କିଏ ଛକରେ କମେଣ୍ଟ ମାରିଲାଣି ତ କିଏ ହିନ୍ଦୀ ସାୟରୀ ବୋଲିଲାଣି, ଏସବୁକୁ ଏଡ଼େଇ ଚାଲିବାଟା ଯେ କେତେ କଷ୍ଟ କେବଳ ସେଇହିଁ ଜାଣିଥିଲା ।

କିନ୍ତୁ ସେ ଭିଡ଼ ଭିତରୁ ଜଣଙ୍କର ଭାବାବେଗ କେଜାଣି କାହିଁକି ତାକୁ ବେଳେବେଳେ ବିଚଳିତ କରିଦେଉଥିଲା । ହଠାତ୍ ଦିନେ ତାକୁ ଆଶ୍ଚର୍ଯ୍ୟ କରି ସୁମିତ ନାମକ ଜଣେ ଶ୍ୟାମଳ ସୁନ୍ଦର ସୁଠାମ ଯୁବକ ତାକୁ ପଛରୁ ଡ଼ାକିଲା- "ଏକ୍ସ କ୍ୟୁଜ୍ ମି ଟିକେ ଶୁଣିବ ।" ଶୁଣି ଥିଲେ ବି ସେ ଜାଣି ଶୁଣି ଆଉ ଚାରିପାଦ ଆଗେଇ

ଯାଇଥିଲା ଲାଜରେ, ପୁଣି ସେଇ ସ୍ୱର– "ଟିକେ ଶୁଣିବକି, ମୁଁ ସୁମିତ, ସୁମିତ ସିଂ ସାମନ୍ତ । ଯୁକ୍ତ ତିନି ଶେଷ ବର୍ଷ ବିଜ୍ଞାନର ଛାତ୍ର, ହଷ୍ଟେଲରେ ରୁହେ । ପାଖ ସହରରେ ଆମ ଘର, ମୁଁ ସବୁ ଦିନ ତୁମ ଯିବା ଆସିବା ବାଟକୁ ଅପେକ୍ଷା କରି ଥାଏ । ମତେ ଭାରି ଭଲ ଲାଗେ ।" ଏମିତି କେତେ କଣ ଅନର୍ଗଳ ଗପି ଚାଲିଥିଲା, ମୁଁ ଏଥର ପାଟି ଖୋଲିଲି – "ହଉ, ତାହେଲେ ମୁଁ ଆସୁଚି ।" "ଏଥିପାଇଁ ତୁମକୁ ମୁଁ କଣ ଅଟକାଇଥିଲି, କିଛି କହିବାର ଥିଲା ମୋର, ଏକଥା କହି ହଠାତ୍ ସୁମିତ ମୋ ହାତଟିକୁ ଧରି ପକାଇଲେ, ଲାଜରେ ମୁଁ ସଢ଼ୀ ଯାଉଥାଏ ।" ପୁଣି କଥା ଆରମ୍ଭ କଲେ ସୁମିତ – "ଦେଖ ସୁନି, ମୁଁ ତମକୁ ବହୁତ ଭଲ ପାଏ, କହିବି କହିବି ବୋଲି ଗୁଡ଼ାଏ ଦିନ ବିତି ଗଲା, ତଥାପି ମୁଁ କହିଲି, ଧୈର୍ଯ୍ୟ ରଖି ତୁମେ ଶୁଣିଲ, ସେଇଟା ମୋ ପାଇଁ ବଡ଼ କଥା । ପ୍ଲିଜ, ମତେ ନିରାଶ କରନି ।" ଇଚ୍ଛା ନ ଥିଲେ ବି ତାଙ୍କ ହାତରୁ ମୋ ହାତକୁ ଟିକେ ଛଡ଼େଇ ଆଣି କହିଲି – "ହଉ ଏଥର ମୁଁ ଆସୁଚି ।"

"ମୋ ଉତ୍ତରଟା ପାଇଲିନି ଯେ..." ସୁମିତି ଯେମିତି ପଚାରି ଚାଲିଥିଲେ, ଟିକେ ଅଳ୍ପ ହସି ମୁଁ ଚାଲିଆସିଥିଲି । ସେ ବୋଧେ ତାଙ୍କ କଥାର ଉତ୍ତର ପାଇଯାଇ ଥିଲେ ନାଁ କଣ ଅପଲକ ନୟନରେ ସେମିତି ମତେ ଚାହିଁ ରହିଥିଲେ, ତାପରେ ଲୁଚା ଛପା ଦେଖା ସାକ୍ଷାତ ବଢ଼ି ଚାଲିଥିଲା ।

ଯା ଭିତରେ ତାଙ୍କ ପାଠ ପଢ଼ା ସରିଯାଇଥାଏ । ମତେ ବୋଧ ଶୋଧ ଦେଇ ସେ ସହରକୁ ଚାଲିଯାଇଥିଲେ । ଗଲାବେଳେ କହିଥିଲେ – "ସୁନି, ତମେ ଜମାରୁ ବ୍ୟସ୍ତ ହବନି, ମୁଁ ଠିକ ସମୟରେ ଆସି ପହଂଚିବି, ଘରେ ବାପା ମାଙ୍କୁ ଆମ କଥା କହି ରାଜି କରାଇ ତମକୁ ଆସି ସହରକୁ ନେଇଯିବି ଆଉ ସେଇଠି ଆମେ ବାହା ହୋଇ ଆମର ସୁନାର ସଂସାର ଗଢ଼ିବା ।"

ସୁନାର ସଂସାର ଗଢ଼ିବା ତେଣିକି ଥାଉ । ସୁମିତଙ୍କ ପଟୁ ଚିଠି କିମ୍ବା ଫୋନ୍‌ଟିଏ ସୁଦ୍ଧା ନ ଥିଲା । ପ୍ରତ୍ୟେକ ଦିନ ଚାହିଁ ଚାହିଁ ସକାଳୁ, ସଂଜ ହେଉଥିଲା, କିନ୍ତୁ ସୁମିତର ଆଉ ଦେଖା ନ ଥିଲା । ଦିନକୁ ଦିନ ସୁନିକୁ କାଇଁ ଭାରି ଅଳସ ଲାଗୁଥିଲା । ଅଜଣା ସଂକେତ ଗୁଡ଼ାକ ତାକୁ ଭାରି ଦୁର୍ବଳ କରି ଦେଉଥିଲା । କିଛି ଦିନ ପରେ ସେ ଜାଣିବାକୁ ପାଇଲା ସେ ମା ହେବାକୁ ଯାଉଚି । ସୁମିତର ଭଲ ପାଇବାର ସନ୍ତକ ତା ପାଖରେ ରହିଯାଇଚି ! କିଛି ଆଉ ବୁଦ୍ଧି ବାଟ ତାକୁ ଦେଖା ଗଲାନି । କାହାକୁ ଏ ନିର୍ଲଜ ମୁହଁକୁ ଦେଖେଇବ । କେତେ ଚିଠି, କେତେ ଫୋନ ସେ ଆଉ କରିବ । ନାଁ ଚିଠିର ଉତ୍ତର ନାଁ ଫୋନ୍‌ର । ନାଁ – ସେ ଆଉ ଚୁପ୍ ହେଇ ରହି ପାରିବନି । ତା ପରଦିନ ସକାଳୁ ଘରୁ ଲୁଚି ଗୋଡ଼ କାଢ଼ିଲା ସେ । ବାପା ମାଙ୍କର ଇଜ୍ଜତ, ଘରର ସମ୍ମାନ ସବୁ ଯେମିତି ତାକୁ ପ୍ରହେଳିକାମୟ ଲାଗୁଥିଲା । ଦ୍ରୁତ ଗତିରେ ଦୌଡ଼ିବାକୁ ଲାଗିଲା ମୁହଁ ଢାଙ୍କି ବସ୍ ଷ୍ଟାଣ୍ଡ ଆଡ଼କୁ । ଯାହାହେଉ ବସ୍‌ଟେ ମିଳିଗଲା, ଧାଇଁ ଯାଇ ବସର ଗୋଟେ କୋଣ ସିଟ୍‌ରେ ବସି ପଡ଼ିଲା । ବସ୍ ଯେତିକି ବାଟ ଯାଉଥିଲା ତା ମନର ବେଗ ସେତିକି ପରିମାଣରେ ବଢ଼ୁଥିଲା । କଣ୍ଡକ୍ଟର ଆସି ଟିକେଟ କରିବାକୁ କହିଲାରୁ ସେ ବଲ ବଲ କରି ଚାହିଁ ରହିଥିଲା ତା ମୁହଁକୁ । ଦୁଇ – ତିନି ଥର ପଚାରିଲା ପରେ ବସର ଶେଷ ଷ୍ଟପେଜ ପାଇଁ ଟିକେଟି କରିଦେଲା, ହଉ ଛାଡ଼ ବଂଚି ତ ଗଲା ମଣିଷ ଅବଶ୍ୟ କିଛି ସମୟ ପାଇଁ । ଦୁଇ – ତିନି ଘଣ୍ଟା ପରେ ବସଟି ରାଉରକେଲା ବସ ଷ୍ଟାଣ୍ଡରେ ଲାଗିଲା । ସେ ଗାଡ଼ିରୁ ଓହ୍ଲେଇ ପଡ଼ି ବସ ଷ୍ଟାଣ୍ଡରେ ଥିବା ଟ୍ୟାପ୍‌ରୁ ଚାରି ଆଞ୍ଜୁଳା ପାଣି ପିଇ ଗଲା, ତାପରେ ସେ ଥକ୍କା ମାରି

ବସି ପଡ଼ିଲା ।

ଏବେ କିନ୍ତୁ ସେ କଣ କରିବ? କୁଆଡ଼େ ଯିବ ? ଏତେ ବଡ଼ ସହରରେ କୋଉଠି ସେ ସୁମିତକୁ ଖୋଜିବ ? ହଠାତ୍ ଦେଖିଲା ସୁମିତ ପରି କେହି ଜଣେ ସେହି ବାଟ ଦେଇ ଚାଲି ଯାଉଥିଲା । ସେ ନିଜ ଆଖିକୁ ବିଶ୍ୱାସ କରି ପାରୁ ନ ଥିଲା । ଭାବୁଥିଲା ଧାଇଁ ଯାଇ ସେ ଲୋକଟିକୁ ଜାବୁଡ଼ି ଧରିବକି ? ସେ ସୁମିତ ତ ? ନାଁ ସିଏ ଯିଏ ବି ହଉ, ସେ ଦୌଡ଼ି ଦୌଡ଼ି ତା ପାଖକୁ ଯିବ । ମନରେ ଦୃଢ ଶକ୍ତି ନେଇ ସେ ଦୌଡ଼ିଲା, ତା ପାଦ ଧରି ପଡ଼ିଗଲା ଆଉ କାନ୍ଦିବାକୁ ଲାଗିଲା । ଭଦ୍ରବ୍ୟକ୍ତି ଜଣକ କାବା ହୋଇ ତଳକୁ ଚାହିଁ ଗୋଡ଼ରୁ ବେଡ଼ି ଖୋଲିବାକୁ ଚେଷ୍ଟା କରୁଥିଲା । ତାକୁ ଉଠେଇଲା ପରେ ସେ ଚମକି ଉଠିଲା – "ଏ କଣ ? ସୁନି ! ତମେ, ଏଠି କେମତି ? ତମେ ଆସିଲ କିପରି ?" ତାଙ୍କର ଏ କଥାରୁ ସେ ଯେ ସୁମିତ, ତାର ଆଉ ଜାଣିବାକୁ ବାକି ରହିଲାନି । ସୁମି ଅତି ଆକୁଳ ସହକାରେ ଡ଼ାକିଲା – "ସୁମିତ, କାହିଁକି ମତେ ଠକିଦେଲ ? କଣ ମୁଁ ତୁମର ଅପରାଧ କରିଥିଲି ? ମତେ ଗ୍ରହଣ କର ସୁମିତ, ମୁଁ ଆଉ କୋଉ କୁଳର ହେବ କୁହତ ।" କିଛି କ୍ଷଣ ପାଇଁ ସ୍ତମ୍ଭିଭୂତ ହୋଇଗଲା ସୁମିତ । ଟିକେ ରହି କହିଲା, "ଦେଖ ସୁନି, ବର୍ତ୍ତମାନ ତୁମକୁ ଆମ ଘରକୁ ନେବାଟା ଠିକ୍ ହେବନି, ମୁଁ ତୁମକୁ ଗୋଟେ ଜାଗାରେ ରଖେଇ ଦେବି, ଦୁଇ, ଚାରିଦିନ ଭିତରେ ତୁମକୁ ମୁଁ ଆମ ଘରକୁ ନେଇଯିବି ।" "କିଛି ଖାଇଛ ?" ଏହା କହି କିଛି ଖାଇବାକୁ ତାକୁ ଦେଲା, ଆଉ ସାଙ୍ଗରେ ନେଇ ଗଲା । ସୁନି ଭାବିଲା ଯାହା ହେଉ, ଡ଼େରି ହେଉ ପଛେ ପ୍ରଭୁ ରାଧାମାଧବ ତା ଡ଼ାକ ଶୁଣିଛନ୍ତି, ତାକୁ ସୁମିତ ମିଳିଲେ, ଗ୍ରହଣ କଲେ, ଘରକୁ ନେବାପାଇଁ କଥା ଦେଇଛନ୍ତି । ଏମିତି ଭାବୁ ଭାବୁ ସେମାନେ ଏକ ଆଜବେଷ୍ଟସ୍ ଘର ପାଖେ ଅଟକି ଗଲେ । ସୁମିତ ସେଠି ତାକୁ ରଖି ପଛରେ ଆସିବାକୁ କଥା ଦେଇ ବାହାରିଗଲା ।

କ୍ରମଶଃ ସମୟ ଗଡ଼ି ଚାଲିଲା । ରାତି ଆସି ବାରଟା ବାଜିଲାଣି । ସୁମିତ ଏ ପର୍ଯ୍ୟନ୍ତ ଆସିଲେନି କାହିଁକି ? କାହାରା ଡ଼ାକରେ ସେ ଚମକି ପଡ଼ିଲା । ସୁମିତ ତାକୁ କବାଟ ଖୋଲିବାକୁ କହିଲା । ସେ ଭାରି ଖୁସି ହେଇଗଲା । ସୁମିତ ପ୍ରତି ହଜିଯାଇଥିବା ବିଶ୍ୱାସ ତାର ଦ୍ୱିଗୁଣିତ ହେଇଗଲା । ହଠାତ୍ ସୁନି ଦେଖିଲା ଚାରି ପାଂଚ ଜଣ ଲୋକ ସେ ଘର ଭିତରକୁ ପଶି ଆସିଲେ । ସୁନି ସୁମିତକୁ ପଚାରିଲା – "ଏମାନେ କିଏ ? କଣ ପାଇଁ ଆସିଚନ୍ତି ?" ସୁମିତ ଉତ୍ତର ଦେଲା – "କାଲି ଆମର ବାହାଘର କୋର୍ଟରେ ହେବ, ଏମାନେ ସବୁ ସାକ୍ଷୀ ପଡ଼ିବେ । ଏମାନଙ୍କୁ ତ ଦେଖିନିଅ ।" ସୁନି ଟିକେ ଆଶ୍ୱସ୍ତ ଅନୁଭବ କଲା । ଆଉ କହିଲା – "ଜାଣିଚ ସୁମିତ, ମୁଁ ତୁମ ପିଲାର ମା ହେବାକୁ ଯାଉଚି । ତୁମ ସନ୍ତକକୁ ଗର୍ଭରେ ଧରି ତମକୁ ଖୋଜିବାକୁ ଘରୁ ଗୋଡ଼ କାଢି ଆସିଲି ।" ଏତକ ଶୁଣିଲା ପରେ ସୁମିତ କେମିତି ଆଶ୍ଚର୍ଯ୍ୟ ବ୍ୟବହାର କରୁଥିଲେ ସୁନିକୁ ଏସବୁ ଭାରି ଅଡୁଆ ଅଡୁଆ ଲାଗୁଥିଲା । ହଠାତ୍ ସୁମିତ ଆଗେଇ ଆସି ସୁନି ପାଟିରେ କିଛି ଗୋଟେ ଲଗେଇ ଦେଲା । ସୁନିର ପ୍ରତିକ୍ରିୟାକୁ ଭ୍ରୁକ୍ଷେପ ନ କରି ସେ ତା ଉପରକୁ ଝାମ୍ପ ମାରିଲା । ସୁନି ଭାବୁଥିଲା, ସୁମିତ ଏ କି ପାଗଳାମି ? ସେ ତ ତାର, କିନ୍ତୁ ତାର ଏ କି ବ୍ୟଭିଚାର ? କାହାକୁ ସୁମିତ ଚିତ୍ର ଉତ୍ତୋଳନ କରିବାକୁ କହୁଥିଲା । ଏସବୁ ବିକି ସେ ମାଲାମାଲ ହେବ, ଖାଲି ସେତିକି ନୁହେଁ

କିଛି ସମୟ ପରେ କାମନାର ଅଗ୍ନି ନିର୍ବାପିତ ହେବା ପରେ ଜଣକ ପରେ ଜଣେ ତାର ଅସ୍ତିତ୍ୱ, ନାରୀତ୍ୱକୁ ଖିନ୍‌ଭିନ କରି ଦେଲେ । ତାର ଆଉ କିଛି କରିବାକୁ କିମ୍ବା କହିବାକୁ ଯୁ ପାଇଲା ନାହିଁ । ସବୁ ଶକ୍ତି, ସାମର୍ଥ୍ୟ, ଦମ୍ଭ ମାଟିରେ ମିଶିଗଲା । ଚେତା ଫେରିବାବେଳକୁ ସେ ନିଜକୁ ଜଙ୍ଗଲ ଭିତରେ ଆବିଷ୍କାର କଲା, ଆଉ ଚିନ୍ତା କରୁଥିଲା ଜଙ୍ଗଲର ମହାବଳ ସିନା ଶରୀର ରକ୍ତାକ୍ତ କରିଥାନ୍ତା, କିନ୍ତୁ ଏ ଯେ ଯେଉଁ କ୍ଷତ, ରକ୍ତାକ୍ତ ହୃଦୟ, ଭଙ୍ଗାମନ ଏସବୁ କଥା କହୁଛି "ଭିନ୍ନ ଏକ ମହାବଳର" ।

**ବେବୀଲତା ଶତପଥୀ**

କଳିଙ୍ଗବିହାର, ଭୁବନେଶ୍ୱର


*With Best Compliments From*

# SAI SRADHA MANAGEMENT SERVICES PVT. LTD.

**PLOT NO. 193, UNIT-9, BAYA BABA MATHA LANE, BHUBANESWAR, KHORDHA, ODISHA, PIN-751008**



**Email : s.s.managementbbsr@gmail.com**

**Phone : 0674-3511957 / 8917420522**



# ଶ୍ରୀକ୍ଷେତ୍ର ରଥଯାତ୍ରା

ଶ୍ରୀମତୀ କଳ୍ପନା ପଣ୍ଡା

ପ୍ରତିବର୍ଷ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପ୍ରଭୁଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ଜାତିଧର୍ମ ବର୍ଣ୍ଣନିର୍ବିଶେଷରେ ଭକ୍ତମାନଙ୍କୁ ଦର୍ଶନଦେବା ପାଇଁ ବଡଦାଣ୍ଡକୁ ପ୍ରଭୁ ଶ୍ରୀଜଗନ୍ନାଥ ଓହ୍ଲାଇ ଆସନ୍ତି ।ଭାଇଭଉଣୀଙ୍କ ସହିତ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରା କରନ୍ତି ବିଶ୍ୱନିୟନ୍ତା । ମହାବାହୁଙ୍କ ମାନବୀୟଲୀଳା ସଂଦର୍ଶନ କରେ ସାରାବିଶ୍ୱ । ପତିତଜନଙ୍କୁ ଉଦ୍ଧାରିବା ପାଇଁ ରତ୍ନବେଦୀ ଛାଡି ବଡଦାଣ୍ଡକୁ ଓହ୍ଲାଇଆସନ୍ତି ସାଆନ୍ତେ । ରଥାରୁଢ଼ ହୋଇ ଆଶୀର୍ବାଦ କରିବେ ପତିତପାବନ ଭାବ ବିନୋଦିଆ କଳାଠାକୁର ।ଲୋକାରଣ୍ୟ ହୋଇଉଠେ ବଡଦାଣ୍ଡ । ପୃଥିବୀର କୋଣ ଅନୁକୋଣରୁ ଭକ୍ତମାନଙ୍କ ଶ୍ରୀକ୍ଷେତ୍ରକୁ ସୁଅ ଛୁଟେ । ଅଗଣିତ ଭକ୍ତରଥ ଉପରେଠାକୁରଙ୍କ ଦର୍ଶନ ପାଇ ଭାବବିହ୍ୱଳ ହୋଇଉଠନ୍ତି ।ଇଏ ଭକ୍ତ ଆଉ ଭଗବାନଙ୍କ ଅପୂର୍ବ ମିଳନ । ବିଶ୍ୱ ଭାତୃତ୍ୱ ଓ ସର୍ବଧର୍ମସମନ୍ୱୟର ପ୍ରତୀକ ଏହିପବିତ୍ର ରଥଯାତ୍ରା । ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବଜାତି ଉତଥାନର ମାର୍ଗ । ସମାଜରେ ଏହାଶାନ୍ତି, ମୈତ୍ରୀ, ପ୍ରେମ ଓ ଭାତୃଭାବ ପ୍ରତିଷ୍ଠାରେ ସହାୟକ ହୁଏ ।ପ୍ରଭୁ ପରୋକ୍ଷରେ ମାନବଜାତିକୁ ବାର୍ତ୍ତାଦିଅନ୍ତି - ଯିଏ ଯେଉଁଠି ରହିଥାଉନା କାହିଁକି, ଯେତେ କ୍ଷମତାଶାଳୀ, ଧନଶାଳୀ ଓ ପ୍ରତିଭାବାନ ହୋଇଥାଉନା କାହିଁକି ନିଜମାତୃ ଭୂମି (ଜନ୍ମସ୍ଥାନ) ସହିତ ସମ୍ପର୍କ ରଖିବା ଉଚିତ । ସେଥିପାଇଁତ ପ୍ରଭୁଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ନିଜଜନ୍ମସ୍ଥାନକୁ ପ୍ରତି ବର୍ଷଯାତ୍ରା କରନ୍ତି ।ଜନ୍ମବେଦୀରେ ନିଜର ଦଶଅବତାରର ପ୍ରଦର୍ଶନ କରାନ୍ତି । ଆଧାତ୍ମିକ ଦୃଷ୍ଟିକୋଣରୁ ଶ୍ରୀଜଗନ୍ନାଥ କେବଳ ଜଣେ ଦେବତା ନୁହଁନ୍ତି ବରଂତାଙ୍କ ମଧରେ ବିଜ୍ଞାନ, ଇତିହାସ, ସାମାଜିକ ଜ୍ଞାନ ସବୁକିଛି ଦେଖିବାକୁ ମିଳେ ।ତେଣୁ ଗବେଷକ ମାନେ କୁହନ୍ତି - ସେ ହେଉଛନ୍ତି ପରମରହସ୍ୟମୟ " ସର୍ବରହସ୍ୟମୟଂ ପୁରୁଷୋତ୍ତମ" । ସେହି ରହସ୍ୟମୟ ଠାକୁରଙ୍କ ଏହି କଳିଯୁଗରେ ମୁଖ୍ୟ ଉଦ୍ଦେଶ୍ୟ ହେଲା "ପତିତଜନମଙ୍ଗଳ "। ଧର୍ମ ଯେତେବେଳେ ପ୍ରତିଦିନ କ୍ଷୟ ହେବାରେ ଲାଗିଛି, ସେତେବେଳେ ଜନ ଉଦ୍ଧାର ଲାଗି ମହାପ୍ରଭୁଙ୍କର ଏହି ପତିତପାବନ ଯାତ୍ରା ।ଏହି ଯାତ୍ରା ବାବଦରେ ଭାଗବତରେ କୁହାଯାଇଛି - ଯେଉଁ ବ୍ୟକ୍ତି ଶ୍ରୀଜଗନ୍ନାଥଙ୍କୁ ରଥରେ ଗୁଣ୍ଡିଚାଗୃହ ପର୍ଯ୍ୟନ୍ତ ଯାତ୍ରା କରୁଥିବାର ଦୃଶ୍ୟ ଅବଲୋକନକରେ ସେ ବ୍ୟକ୍ତିତ୍ରି ଭୁବନରେ ଧନ୍ୟ ହୋଇଯାଏ । ନନ୍ଦିଘୋଷରଥାରୁ ଢଜଗଦୀଶ୍ୱର ଶ୍ରୀଜଗନ୍ନାଥ ସବୁ ପାପତାପ ଦୁଃଖ ଶୋକ ବିନାଶ କରନ୍ତି ।

ଶ୍ରୀ ପୁରୁଷୋତ୍ତମହିଁପରଂବ୍ରହ୍ମ "ତୁବ୍ରହ୍ମାରୁଦ୍ରବିଷ୍ଣୁତୁହି, ତୋବିନୁଅନ୍ୟଗତିନାହିଁ "। ଶୟନେ ସପନେ ଜାଗରଣେ ପ୍ରଭୁଙ୍କର ନାମସ୍ମରଣ କରନ୍ତି ପ୍ରତିଟି ଭକ୍ତ ।ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରଭୁଜଗନ୍ନାଥଙ୍କୁ ସର୍ବତ୍ର ଅନୁଭବ କରି ଲେଖିଛନ୍ତି - "ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତାସ୍ୱୟଂ ନାରାୟଣ "ନୀଳାଚଳନାଥପ୍ରଭୁଶ୍ରୀନିବାସ, ପୁରାଇବ ଆଶା ରଖଏ ବିଶ୍ୱାସ" । ପ୍ରଭୁଙ୍କୁ ରଥାରୁଢ ଦେଖି, ତାଙ୍କର ରଥଦଉଡିକୁ ସ୍ପର୍ଶକରି ପ୍ରତ୍ୟେକଭକ୍ତ ଅପୂର୍ବଆନନ୍ଦ ଲାଭ କରନ୍ତି । ନିଜର ପାପକ୍ଷୟର ଅନୁଭୁତି ପ୍ରାପ୍ତ କରନ୍ତି । ଘଣ୍ଟ, ମୃଦଙ୍ଗ, ସଂକୀର୍ତ୍ତନ, କାହାଳି, ଭେରୀ, ତୁରୀଶଙ୍ଖବାଦ୍ୟସାଙ୍ଗକୁବିଭିନ୍ନପ୍ରକାରନୃତ୍ୟ, ହରିବୋଲ, ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠେ । "ଜୟ ଜଗନ୍ନାଥ " ନାମଉଚ୍ଚାରଣ କରି ଭକ୍ତମାନେ ଅପୂର୍ବ ଆନନ୍ଦ ଲାଭ କରିଥାନ୍ତି । ଜଗନ୍ନାଥଙ୍କ ନନ୍ଦିଘୋଷ ରଥ (ପୀତଲୋହିତରଙ୍ଗ), ବଳଭଦ୍ରଙ୍କ ତାଳଧ୍ୱଜ ରଥ (ଲାଲ ଓ ସବୁଜ ରଙ୍ଗ) ଏବଂ ମା ସୁଭଦ୍ରାଙ୍କ ଦର୍ପଦଳନ (ଲାଲ ଓ କଳାରଙ୍ଗ ) ଅପୂର୍ବ ସୁନ୍ଦରତାରେ ସୁସଜ୍ଜିତ ହୋଇ, ଲାଗେ ଯେମିତି ସ୍ୱର୍ଗପୁରରୁ ମର୍ତ୍ତ୍ୟଭୂମିକୁ ପ୍ରଭୁ ଓହ୍ଲାଇ ଆସିଛନ୍ତି ।ପ୍ରଭୁଙ୍କ

ରଥଆଗରେ ଠାକୁର ରାଜା ପୁରୀ ଗଜପତି ସୁନାଖଡ଼ିକାରେ ଛେରା ପହଁରାକରିବା ବେଳର ଦୃଶ୍ୟ ଅତ୍ୟନ୍ତ ମନୋରମ ଓ ହୃଦୟସ୍ପର୍ଶୀ । ତିନି ରଥରେ ଚାରିଦାରୁ ବିଗ୍ରହ ଓ ତିନିବିଜେପ୍ରତିମା ଶ୍ରୀଗୁଣ୍ଡିଚାମନ୍ଦିରକୁ ଯାତ୍ରା କରନ୍ତି । ତାଳ ଧ୍ୱଜରଥରେ ଶ୍ରୀବଳଭଦ୍ରଙ୍କ ସହିତ ବିଜେ ପ୍ରତିମା " ରାମଓକୃଷ୍ଣ" , ନନ୍ଦିଘୋଷ ରଥରେ ଶ୍ରୀଜଗନ୍ନାଥଙ୍କ ସହିତ ବିଜେପ୍ରତିମା "ଶ୍ରୀମଦନମୋହନ " ଏବଂ ଦେବଦଳନରଥରେ ଶ୍ରୀସୁଭଦ୍ରା ଓ ଚକ୍ରରାଜସୁଦର୍ଶନ । ଏହି ସାତଦେବ-ଦେବୀଙ୍କ ମଧ୍ୟରେ "ଶ୍ରୀସୁଭଦ୍ରା" ହିଁ ଏକମାତ୍ର ଦେବୀ । ଶ୍ରୀକ୍ଷେତ୍ରର ପ୍ରସିଦ୍ଧରଥ ଯାତ୍ରା ସହ ଯେଉଁ ତିନିଦେବୀଙ୍କର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ସାମ୍ନାକୁ ଆସିଥାଏ, ସେମାନେ ହେଲେ ଶ୍ରୀସୁଭଦ୍ରା, ଦେବୀ ମହାଲକ୍ଷ୍ମୀ ଓ ମାଉସୀମା ।ଏଥିରେ ଦେବୀ ବିମଳାଙ୍କର ଭୂମିକାକୁ ମଧ୍ୟ ଏଡାଇ ଦେଇ ହେବନାହିଁ ।ଶ୍ରୀଜୀଉଙ୍କ ସହ ଏହି ଦେବୀମାନଙ୍କର ଲୌକିକଲୀଳା ଭକ୍ତମାନଙ୍କୁ ଅମୋଦିତ କରିଥାଏ । ହେରା ପଞ୍ଚମୀରେ ମା ଲକ୍ଷ୍ମୀଙ୍କର ନନ୍ଦିଘୋଷର କାଠଭାଙ୍ଗିବା, ବାହୁଡ଼ା ବେଳରେ ମାଉସୀମାଙ୍କ ଠାରୁ ପୋଡପିଠା ଖିଆ କାହାଣୀ ଏବଂ ନବଦିନାତ୍ମକ ଯାତ୍ରାରେ ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଶ୍ରୀଜଗନ୍ନାଥ ଗୁଣ୍ଡିଚା ଘରକୁ ଚାଲିଯିବାପରେ, ବିରହ ବିଧୁରାଲକ୍ଷ୍ମୀ ଯାଇ ନିଜର ମନବ୍ୟଥା ଭଗିନୀ ପ୍ରତିମା ବିମଳାଙ୍କୁ ଜଣାଇବା ଓ ମା ବିମଳା ମା ଲକ୍ଷ୍ମୀଙ୍କୁ ସାନ୍ତ୍ୱନା ଦେଇ, ଶ୍ରୀଜଗନ୍ନାଥଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ଉପାୟ ବତାଇ, ପତିଙ୍କର ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନର ଅଜ୍ଞ୍ୟାମାଳପ୍ରାପ୍ତ କରାଇବା, ଏହାର ଅଂଶ ବିଶେଷ । ମର୍ତ୍ତ୍ୟ ବୈକୁଣ୍ଠର କ୍ଷେତ୍ରାଧୀ ପତି, କୈବଲ୍ୟନାଥ ବ୍ରହ୍ମାଣ୍ଡ ଗୋସାଇଁ ଓ କ୍ଷେତ୍ରାଧିଶ୍ବରୀ ମା ମହାଲକ୍ଷ୍ମୀ ଙ୍କର ଏଭଳି ଅପୂର୍ବମାନବୀୟ ଲୀଳାସଂଦର୍ଶନ ପାଇଁ ଆତୁର ଓ ଅଭିଭୂତ ଭକ୍ତ ।

ମହାପ୍ରଭୁଙ୍କ ଦିବ୍ୟଲୀଳା । ରଥରେ ନବଦିନାତ୍ମକ ଯାତ୍ରାରେ ଭଉଣୀ ସୁଭଦ୍ରିକାଙ୍କୁ ସାଙ୍ଗରେ ନେଲେ ଅଥଚପତ୍ନୀ ମହାଲକ୍ଷ୍ମୀଙ୍କୁ ନନେଇ ଜନ୍ମବେଦୀକୁ ଚାଲିଗଲେ ମହାପ୍ରଭୁ ।ତେଣୁ ରୋଷ କରିଛନ୍ତି ମହାଲକ୍ଷ୍ମୀ । ଦୁଃସହ ନିସଙ୍ଗତା ମଧ୍ୟରେ ନିମ୍ନଜିତା ଦେବୀ ଯେ କୋପ କରିଛନ୍ତି ଏକଥା ମହାପ୍ରଭୁଙ୍କର ସଂଶୟ ନାହିଁ। ତେଣୁ ମହା ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀକ୍ଷେତ୍ରାଧିଶ୍ୱରୀ ମାଲକ୍ଷ୍ମୀଙ୍କର ମାନଭଞ୍ଜନ ପାଇଁ ନୀଳାଦ୍ରିବିଜେ ସମୟରେ ରସଗୋଲା ଦେଇ ତୋଷ କରିବେ । ପତିପତ୍ନୀ ମଧ୍ୟରେ ମାନଅଭିମାନର ମାନବୀୟଲୀଳା ଦର୍ଶନକରେ ସାରାବିଶ୍ୱ ।ମହାପ୍ରଭୁଙ୍କ ରଥ ଏବଂ ରଥଯାତ୍ରା ଉଭୟ ଜଗନ୍ନାଥ ସଂସ୍କୃତିର ସାଂକେତିକତାର ପରିପ୍ରକାଶ। ସେଥିପାଇଁଯଥାର୍ଥରେକୁହାଯାଇଛି -

**"ଓଁ ନାମ ସୁଦର୍ଶନ ସୁଞ୍ଜ ନେଜାଣ**<br>
**କ୍ଲୀମହରେ ବଳଭଦ୍ର ହୋଇଛି ନିର୍ମାଣ**<br>
**ଶ୍ଲୀମରାମ ନାମ ସୁଭଦ୍ରିକା ସେ ଅଟନ୍ତି**<br>
**କ୍ଲୀମ କୃଷ୍ଣ ଜଗନ୍ନାଥ କେବଳ ନୁହନ୍ତି "**



# ଆଲୋକ ପ୍ରଦୂଷଣ

ରାଜେନ୍ଦ୍ର ପ୍ରସାଦ ମହାପାତ୍ର

ଥରେ ରବୀନ୍ଦ୍ରନାଥ ଟ୍ୟାଗୋର ଏକ ମହମବତୀ ଜାଳି ଘର ଭିତରେ କ'ଣ ଲେଖା-ପଢ଼ି କରୁଥିଲେ । ଲେଖା-ପଢ଼ି କାମ ସରିବା ପରେ ଟ୍ୟାଗୋର ମହମବତୀ ଲିଭାଇ ଦିଅନ୍ତେ ହଠାତ ଆବିସ୍କାର କଲେ ଯେ ବାହାରେ ଚମତ୍କାର ଚନ୍ଦ୍ର କିରଣ ବିଛାଡି ହୋଇ ପଡିଛି । ତୋଫା ଜହ୍ନ ଆଲୁଅର ସ୍ନିଗ୍ଧତା ଓ ସୌନ୍ଦର୍ଯ୍ୟ ଏତେ ସମ୍ମୋହକ ଥିଲା ଯେ ଟ୍ୟାଗୋର ଆନନ୍ଦରେ ଅଧୀର ହୋଇ ନୃତ୍ୟ କରିବାକୁ ଲାଗିଲେ । ତେବେ ସମ୍ପ୍ରତି ଆମ ଚାରି ।ଖରେ କୃତ୍ରିମ ଆଲୋକର ପରିମାଣ ଏତେ ଅଧିକ ହୋଇଗଲାଣି ଯେ ଆମେ ଜହ୍ନ ଆଲୁଅର ପ୍ରାକୃତିକ ସ୍ନିଗ୍ଧତା ତଥା ତାରା ମାନଙ୍କର ମିଟ୍‌ମିଟ୍ କରିବାର ସୁନ୍ଦର ଓ ଅଦ୍ଭୁତ ଦୃଶ୍ୟରୁ ଆନନ୍ଦ ଲାଭ କରିବାରେ ସମ୍ପୂର୍ଣ୍ଣ ରୂପେ ବଂଚିତ ହୋଇଯାଉଛୁ । ରାତିରେ ବାହାରକୁ ବାହାରିଲେ ଷ୍ଟ୍ରିଟଲାଇଟ, ଫ୍ଲଡଲାଇଟ ଓ ହେଡଲାଇଟ ମାନଙ୍କର ସମ୍ଭାର । ଘର ଭିତରେ ବି ଏଲଇଡି ଲାଇଟ, ଲାପଟପ, ଡେସ୍କଟପ ଓ ମୋବାଇଲ ଫୋନ ସ୍କ୍ରିନର ଲାଇଟ ଦ୍ୱାରା ଆମେ ଏକରକମ ଅଭ୍ୟସ୍ତ ହୋଇଗଲୁଣି । ପରିବେଶ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଓ ପଲିଥିନ ପ୍ରଦୂଷଣ ଭଳି ଏହି ଆଲୋକ ପ୍ରଦୂଷଣ ମଧ୍ୟ ଆମ ଶାରୀରିକ ଓ ମାନସିକ ସୁସ୍ଥତାକୁ ଓ ଜୀବଜଗତର ସ୍ଥିତିକୁ ଅନେକ ପରିମାଣରେ ପ୍ରଭାବିତ କରିଥାଏ । ୨୦୧୧ରୁ ୨୦୨୨ ମଧ୍ୟରେ ଆଲୋକ ପ୍ରଦୂଷଣର ମତ୍ରା ବାର୍ଷିକ ପ୍ରାୟ ୯.୬ ପ୍ରତିଶତ ହାରରେ ବୃଦ୍ଧି ପାଇଛି । ଏହାଦ୍ୱାରା ଆମ ମସ୍ତିଷ୍କ ଓ ଶରୀରର ଲୟବଦ୍ଧତା ଏବଂ କାର୍ଯ୍ୟନିର୍ଘଂଟ ସମ୍ପୂର୍ଣ୍ଣ ରୂପେ ଏପଟସେପଟ ହେଇଯାଉଛି । ଏଣୁ ଆମକୁ ଆଲୋକ ପ୍ରଦୂଷଣର ଭୟାବହତା ଓ କୃତ୍ରିମ ଆଲୋକର ବ୍ୟବହାରକୁ ଯଥାସମ୍ଭବ ଦୂର କରିବା ଆବଶ୍ୟକ । ଶିଳ୍ପ ବି୍ଳବ ପରେ କୃତ୍ରିମ ଆଲୋକ ବ୍ୟବସ୍ଥାକୁ ଆଉ ଏକ ବି୍ଳବାତ୍ମକ ପଦକ୍ଷେପ ଭାବେ ଗ୍ରହଣ କରାଯିବା ସହିତ ଏହାକୁ ଏକ ଆଭିଜାତ୍ୟର ପ୍ରତୀକ ଭାବେ ମଧ୍ୟ ଧରି ନିଆଯାଇଥିଲା । ସହରରେ ତ ଚକମକ ଆଲୋକମାଳାରେ ଦିନ ଓ ରାତି ମଧ୍ୟରେ ଫରକ ବି ପ୍ରାୟ ନଥାଏ । ମାତ୍ର ଅନ୍ଧକାର ମଧ୍ୟ ଶରୀର ଓ ଆତ୍ମା ପାଇଁ ଏକ ଅତ୍ୟାବଶ୍ୟକ ଅଞ୍ଜନ । ଅନ୍ଧାରର ବିଶେଷ ପ୍ରୟୋଜନକୁ ମଣିଷ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ବୁଝି ।ରିନି । ତେଣୁ କୃତ୍ରିମ ଆଲୋକ ବଳରେ ଏହାକୁ ଦୂର କରି ନିଜକୁ ଆଧୁନିକ ବୋଲି ବାହୋସ୍ବାଟ ମାରୁଛି ।

ଇଲେକ୍ଟ୍ରିକ ବଲ୍‌ବର ଉଦ୍ଭାବନ ମାତ୍ର ୧୫୦ ବର୍ଷ ତଳେ ହୋଇଥିଲା । ଯାହାଫଳରେ କି ଦିନ ଓ ରାତିର ସଂରଚନା ଓ ମୌଳିକତା ନାଟକୀୟ ଭାବେ ପ୍ରଭାବିତ ହୋଇଥିଲା । ଦିନ ଓ ରାତି ଏବଂ ଗ୍ରୀଷ୍ମ, ବର୍ଷା, ଶୀତ, ବସନ୍ତ ଆଦି ଋତୁଚକ୍ରର ଭିନ୍ନତାର ପ୍ରଭାବ ଦ୍ୱାରା ଜୀବଜଗତର ପ୍ରାଚୁର୍ଯ୍ୟତା ଓ ବିବିଧତା ରକ୍ଷା ହୋଇଥାଏ । ଆଲୋକ ଓ ଅନ୍ଧାରର ପରିବର୍ତିତ ଧାରା ଦ୍ୱାରା ସମଗ୍ର ଜୀବଜଗତ ପ୍ରଭାବିତ ହୋଇଥା'ନ୍ତି । ପ୍ରାଣୀ ଜଗତର କ୍ଷତିସାଧନ କରୁଥିବା କୀଟ ଭକ୍ଷଣକାରୀ ତଥା ବୃକ୍ଷମାନଙ୍କର ବଂଶବୃଦ୍ଧିରେ ସହାୟକ ଅନେକ ରାତ୍ରିକାଳୀନ ପଶୁ-ପକ୍ଷୀ ଓ କୀଟ ପତଙ୍ଗ କୃତ୍ରିମ ଆଲୋକର ପ୍ରଭାବରେ ଦ୍ୱନ୍ଦ୍ୱରେ ପଡିବା ଦ୍ୱାରା ସେମାନଙ୍କର ଚଳପ୍ରଚଳରେ ବାଧା ସୃଷ୍ଟି ହୋଇଥାଏ । ସମୁଦ୍ରରେ ଚାଲୁଥିବା ଜାହାଜର କୃତ୍ରିମ ଆଲୋକ ଦ୍ୱାରା ମଧ୍ୟ ସାମୁଦ୍ରିକ ପରିସଂସ୍ଥାରେ ବାସ କରୁଥିବା ଜୀବମାନେ

ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି । ଏହାଦ୍ୱାରା ସୁମଦ୍ର ମଧ୍ୟରେ ଖାଦ୍ୟ ଓ ଖାଦକମାନଙ୍କ ମଧ୍ୟରେ ସନ୍ତୁଳନ ରହିନଥାଏ । ଆଲୋକ ପ୍ରଦୂଷଣ କାରଣରୁ ଅନେକ ଉପକାରୀ କୀଟ-ପତଙ୍ଗ ମୃତ୍ୟୁମୁଖରେ ପଡନ୍ତି । ଚନ୍ଦ୍ର ଆଲୋକକୁ ଅନୁସରଣ କରି ଚଳାଚଳ କରୁଥିବା କୀଟ ଓ ପତଙ୍ଗ ନିକଟରେ ଥିବା ଏକାଧିକ କୃତ୍ରିମ ଆଲୋକର ଉତ୍ସକୁ ଅନୁସରଣ କରି ଏଣେତେଣେ ଗତାଗତ କରିବା ଫଳରେ ଅତ୍ୟଧିକ କ୍ଲାନ୍ତି ଯୋଗୁ ପ୍ରଭାତ ପୂର୍ବରୁ ମୃତ୍ୟୁ ମୁଖରେ ପଡିଥା'ନ୍ତି । ଷ୍ଟ୍ରିଟଲାଇଟ ଆଡକୁ ଆକର୍ଷିତ ହୋଇ ଅଗଣିତ ଉପକାରି କୀଟ-ପତଙ୍ଗ ମଧ୍ୟ ମୃତ୍ୟୁବରଣ କରନ୍ତି । କୃତ୍ରିମ ଆଲୋକ ସହିତ ନିଜକୁ ଉପଯୋଜିତ କରିନପାରି ଝିଂଟିକା ଭଳି ଅନେକ ପତଙ୍ଗ ମଧ୍ୟ ଖାଦକମାନଙ୍କର ଶିକାର ହୁଅନ୍ତି । ଅନେକ ଗଛରେ ଫଳ ନଧରିବାର କାରଣ ମଧ୍ୟ ହେଉଛି ଆଲୋକ ପ୍ରଦୂଷଣ ।

ମଣିଷ ସହିତ ସବୁ ପ୍ରାଣୀମାନଙ୍କ ପାଇଁ ଉଭୟ ଆଲୋକ ଓ ଅନ୍ଧାରର ଆବଶ୍ୟକତା ରହିଛି । ଆଲୋକ ଓ ଅନ୍ଧାର ଦ୍ୱାରା ଆମ ନିଦ୍ରା ମଧ୍ୟ ବହୁମାତ୍ରାରେ ପ୍ରଭାବିତ ହୁଏ । ଅତ୍ୟଧିକ ଆଲୋକ ଆମକୁ ଅସୁସ୍ଥ କରିଦିଏ । ଏହାଦ୍ୱାରା ଆମ କ୍ଷୁଧାକୁ ନିୟନ୍ତ୍ରିତ କରୁଥିବା ମେଲାଟୋନିନ ଓ ଲେପ୍ଟିନ ହରମୋନ ଅସନ୍ତୁଳିତ ହେବା ଦ୍ୱାରା ମାନସିକ ଚାପ ଏବଂ ମେଦବହୁଳତା ବୃଦ୍ଧି ।ଏ । ରାତିରେ କାମ କରୁଥିବା ବ୍ୟକ୍ତିମାନଙ୍କର ଶାରୀରିକ ଅସୁସ୍ଥତା ଓ ମାନସିକ ଅସ୍ଥିରତା ବୃଦ୍ଧି ପାଇଥାଏ । ଆଲୁଅ ଭଳି ଆମକୁ ଅନ୍ଧାରରେ ମଧ୍ୟ ବଂଚିବାର ଆବଶ୍ୟକତା ରହିଛି । ତେବେ ଆଲୋକ ପ୍ରଦୂଷଣକୁ ସମ୍ପୂର୍ଣ୍ଣ ଭାବେ ଦୂର କରିବା ସମ୍ଭବ ନୁହେଁ କାରଣ ଏହାଫଳରେ ବିକାଶର ଧାରା ପ୍ରତିହତ ହେବ । ମାତ୍ର ଆମେ ଚାହିଁଲେ ରାତି ସମୟରେ ଆମର ଅତି ଆବଶ୍ୟକତା ଅନୁସାରେ ସ୍ୱଳ୍ପ ଆଲୋକ ବ୍ୟବହାର କରି ଅନ୍ୟ ଆଲୋକକୁ ଲିଭାଇ ଦେଇପାରିବା । ଅତି ଉଜ୍ଜ୍ୱଳ ଆଲୁଅ ପ୍ରଦାନ କରୁଥିବା ବଲ୍‌ବ ବ୍ୟବହାର ନକରି ଡିମ୍ ଆଲୋକ ବ୍ୟବହାର କରି ।ରିବା । କେତେକ ଦେଶମାନଙ୍କରେ ତ ଅନ୍ଧାରରେ ରହିବା ପାଇଁ ବିଶେଷ ଭାବେ ପ୍ରୋତ୍ସାହିତ କରାଯାଉଛି । ଏହାଦ୍ୱାରା ଶାରୀରିକ ଏବଂ ମାନସିକ ସୁସ୍ଥତା ଓ ସନ୍ତୁଳନ ସହ ବିଦ୍ୟୁତ ଅପଚୟ ମଧ୍ୟ ରୋକାଯାଇ ପାରିବ । ପାର୍କ ମାନଙ୍କରେ ଆଲୁଅ ସବୁ ଲିଭେଇ ଦିଆଯାଇ ଅନ୍ଧାର ଭିତରେ ସୁନ୍ଦର ଜହ୍ନ ଆଲୁଅକୁ ଉପଭୋଗ କରିବାର ସୁଯୋଗ ପ୍ରଦାନ କରାଯିବା ଉଚିତ । ଏବେ ଆଲୋକ ପ୍ରଦୂଷଣକୁ କମେଇ ଅନ୍ଧାରରେ ଚଳି ଏହାକୁ ଉପଭୋଗ କରିବାର ସମୟ ଆସିଯାଇଛି । ଆସନ୍ତୁ ଏନେଇ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରାଇବା ଏବଂ ସମଗ୍ର ଜୀବଜଗତକୁ ଆଲୋକ ପ୍ରଦୂଷଣ କବଳରୁ ରକ୍ଷା କରିବା ।

**ରାଜେନ୍ଦ୍ର ପ୍ରସାଦ ମହାପାତ୍ର**

ବ୍ରାହ୍ମଣ ସାଇଲୋ, କଟକ, ପି- ୭୫୪୦୧୮

ଫୋ ନଂ-୯୧୭୮୫୦୭୯୩୫



# ବାପା

ସଂଯୁକ୍ତା ଦାସ

ସହର ନିକଟବର୍ତ୍ତୀ ଛୋଟ ଗାଁ ଟିଏ। ଗାଁର ଶେଷ ମୁଣ୍ଡରେ ଥିଲା ଏକ ବିରାଟକାୟ ବର ଗଛ, ସେହି ବର ଗଛ ପାଖରେ ଅନାଦି ମଉସାଙ୍କର ଚାଳ ଛପର ଘର। ଘରେ ମଉସା ମାଉସୀ ଏବଂ ତାଙ୍କର ଏକ ମାତ୍ର ଅଲି ଅଳୀ ପୁଅ ସୂର୍ଯ୍ୟ ବାସ କରୁଥିଲେ। ମଉସାଙ୍କ ପାଖରେ ସମ୍ପତି ଥିଲା କେବଳ ଚାରି ମାଣ ଜମି। ଆଗରୁ ମଉସା ଜମି କିଛି ବିକ୍ରି କରି ଦୁଇ ଝିଅଙ୍କର ବାହାଘର କରିଦେଇଥିଲେ। ପାଖରେ ଥିବା ସେହି ଜମିରୁ ଯାହା କିଛି ଆଦାୟ ହେଉଥିଲା ସେଥିରେ ସଂସାର ଠିକ୍ ଭାବରେ ଚାଲିଥିଲା।

ସେହି ଭିତରେ ଚାହୁଁ ଚାହୁଁ ସୂର୍ଯ୍ୟର ଦଶମ ଶ୍ରେଣୀ ପାଠ ପଢ଼ା ଗାଁ ସ୍କୁଲରୁ ସରିଯାଇଥିଲା। ନାମ ଅନୁସାରେ ପିଲାଟି ମଧ ସୂର୍ଯ୍ୟଙ୍କ ପରି ତେଜ୍ୟମାନ ଥିଲା। ଦଶମ ପରୀକ୍ଷାରେ ଶ୍ରେଣୀର ସବୁ ପିଲା ମାନଙ୍କ ଠାରୁ ଅଧିକ ନମ୍ବର ରଖି ପ୍ରଥମ ସ୍ଥାନରେ ଅଧିକୃତ ହୋଇଥିଲା। କିନ୍ତୁ ମଉସା ଚାହୁନଥିଲେ ପୁଅ ତାଙ୍କ ଭଳି ମାଟି କାଦୁଅର ମଣିଷ ଟିଏ ହୋଇ ରହୁ। ପୁଅ କିଭଳି ଉଚ୍ଚ ଶିକ୍ଷା ଗ୍ରହଣ କରି ବଡ଼ ଚାକିରି କରିବ, ହାକିମ ହେବ ତାର ସ୍ୱପ୍ନ ଦେଖୁଥିଲେ। ତା ସହିତ ଗାଁର ଲୋକମାନେ ଏବଂ ସ୍କୁଲର ଶିକ୍ଷକ ମାନେ ସୂର୍ଯ୍ୟର ଉଜ୍ୱଳ ଭବିଷ୍ୟତ ପାଇଁ ପ୍ରୟାସ ମଧ କରୁଥିଲେ। ହେଲେ ଉଚ୍ଚ ଶିକ୍ଷା ଗ୍ରହଣ କରିବା ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡ଼ିବ ତେଣୁ ମଉସା ମାଉସୀ ଦୁହେଁ ସହରକୁ ଛାଡ଼ିବା ପାଇଁ ସାହାସ ବାନ୍ଧି ପାରୁନଥିଲେ।

ଏତେ ସବୁ ଭିତରେ ମଉସା ନିଷ୍ପତ୍ତି ନେଇଥିଲେ ତାଙ୍କ ପାଖରେ ଥିବା ଜମିକୁ ଜମିଦାରଙ୍କ ପାଖରେ ବନ୍ଧା ପକାଇ ଯାହା ପଇସା ମିଳିବ ସେଥିରେ ସେ ସୂର୍ଯ୍ୟକୁ ସହର ପଠାଇବେ ଓ ନିଜେ ଜମିଦାରଙ୍କ ପାଖରେ କାମ କରି ତାଙ୍କ ସଂସାରକୁ ଚଳାଇବେ। କାରଣ କେବେ କୌଣସି ବାପା ଚାହାନ୍ତିନି ତାଙ୍କ ପାଇଁ ସନ୍ତାନର ଇଚ୍ଛା ଅଧୁରା ରହିଯାଉ। ସୂର୍ଯ୍ୟ ଏହା ଶୁଣିବା ପରେ ନିଜର ଇଚ୍ଛାକୁ ବାପାଙ୍କୁ ଜଣାଇ ନଥିଲେ ପାରି ମଧ ବହୁତ ଖୁସି ହୋଇଯାଇଥିଲା। ତା ସହିତ ସଂକଳ୍ପ ମଧ କରିଥିଲା ମୁଁ ମନ ଦେଇ ପାଠ ପଢ଼ି, ଉଚ୍ଚ ଶିକ୍ଷା ଗ୍ରହଣ କରି ନିଜ ମାଟିର ତଥା ବାପାଙ୍କ ସ୍ୱପ୍ନକୁ ପୂରଣ କରିବି।

ଧନୀ ହେଉ ବା ଗରିବ ବାପା ହେଉଛନ୍ତି ସିଏ ଯାହାର ହାତ ଧରି ବାଟ ଚାଲୁଥିଲେ ଝୁଣ୍ଟିବାର ଭୟ ନଥାଏ! ସନ୍ତାନ ପାଇଁ ଯିଏ ରକ୍ତକୁ ଝାଳ ପରି ବୁହାଇ ପାରିଥାଇ!

ସୂର୍ଯ୍ୟ ଚାଲିଯାଇଥିଲା ସହରକୁ; ମଉସା ପ୍ରତିଦିନ ଜମିଦାରଙ୍କ ଘରକୁ କାମ କରିବାକୁ ଯାଇ ଯାହା ବି ଆଣୁଥିଲେ ମଉସା ମାଉସୀଙ୍କୁ ନିଅଣ୍ଟ ହେଉନଥିଲା। କିଛି ଦିନ ଗଲା ପରେ ମଉସା ଧୀରେ ଧୀରେ ଦୁର୍ବଳ ହୋଇପଡିଲେ। ଗାଁ ବୈଦ୍ୟଙ୍କ ପାଖରୁ ଔଷଧ ଖାଇ ଭଲ ହୋଇଯାଇଥିଲେ ଏବଂ ପୁନର୍ବାର କିଛି ଦିନ ପରେ ଅସୁସ୍ଥ ହୋଇପଡୁଥିଲେ। ଏପରି ହେବା ଦ୍ୱାରା ମଉସା ଜମିଦାରଙ୍କ ଘରକୁ କାମ କରିବାକୁ ଯାଇ ପାରିଲେ ନାହିଁ। ଗାଁ ଲୋକଙ୍କ ସହାୟତାରେ ଦୁଇ ପ୍ରାଣୀ ରହି ଆସୁଥିଲେ। ହେଲେ ମଉସାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ମାଉସୀ ଏବଂ ଗାଁ ଲୋକ ସୂର୍ଯ୍ୟକୁ

ଚିଠି ମାଧ୍ୟମରେ ସବୁକିଛି ଜଣାଇବାକୁ ଚିନ୍ତା କରିଥିଲେ। କିନ୍ତୁ ମଉସା ଭାବୁଥିଲେ କାଳେ ମୋ ପୁଅର ସ୍ୱପ୍ନ ଅଧୁରା ରହିଯିବ ତେଣୁ ସିଏ ମାଉସୀଙ୍କୁ ରାଣ ନିୟମ ପକାଇ ମନା କରିଥିଲେ।

ସମୟ କ୍ରମେ ସୂର୍ଯ୍ୟ ଉଚ୍ଚ ଶିକ୍ଷା ସମାପ୍ତ କରି ନିଜ ଗାଁକୁ ଫେରି ଦେଖିଲା ଘରେ ଭିଡ଼ ଜମିଛି। ସବୁ ଜାଣିଲା ପରେ ସେ ନିଜ ମନକୁ ବୁଝାଇ ପାରିନଥିଲା ଯେ ବାପାଙ୍କୁ ଦିନେ ଏହି ଅବସ୍ଥାରେ ଦେଖିବ। ରୁଦ୍ଧ କଣ୍ଠରେ ଡାକିଲା "ବାପା" ତୁମ ପୁଅ ଆଜି ଉଚ୍ଚ ଶିକ୍ଷା ଶେଷ କରି ଫେରିଛି, ତୁମ ସ୍ୱପ୍ନ ପୂରଣ ହେବା ପାଇଁ ଯାଉଛି; ଉଠ! ସେଦିନ ବାପାଙ୍କ ଓଠର ସେ ହସ, ଶରୀରର ସିଂହରଣ ତା ମନରେ ସବୁଦିନ ପାଇଁ ସ୍ମୃତି ହୋଇ ରହିଗଲା।

# GOVERNMENT OF ODISHA 2025

| | JANUARY | FEBRUARY | MARCH | APRIL |
|---|---|---|---|---|
| SUN | 5 12 19 26 | 2 9 16 23 | 30 2 9 16 23 | 6 13 20 27 |
| MON | 6 13 20 27 | 3 10 17 24 | 31 3 10 17 24 | 7 14 21 28 |
| TUE | 7 14 21 28 | 4 11 18 25 | 4 11 18 25 | 1 8 15 22 29 |
| WED | 1 8 15 22 29 | 5 12 19 26 | 5 12 19 26 | 2 9 16 23 30 |
| THU | 2 9 16 23 30 | 6 13 20 27 | 6 13 20 27 | 3 10 17 24 |
| FRI | 3 10 17 24 31 | 7 14 21 28 | 7 14 21 28 | 4 11 18 25 |
| SAT | 4 11 18 25 | 1 8 15 22 | 1 8 15 22 29 | 5 12 19 26 |

| | MAY | JUNE | JULY | AUGUST |
|---|---|---|---|---|
| SUN | 4 11 18 25 | 1 8 15 22 29 | 6 13 20 27 | 31 3 10 17 24 |
| MON | 5 12 19 26 | 2 9 16 23 30 | 7 14 21 28 | 4 11 18 25 |
| TUE | 6 13 20 27 | 3 10 17 24 | 1 8 15 22 29 | 5 12 19 26 |
| WED | 7 14 21 28 | 4 11 18 25 | 2 9 16 23 30 | 6 13 20 27 |
| THU | 1 8 15 22 29 | 5 12 19 26 | 3 10 17 24 31 | 7 14 21 28 |
| FRI | 2 9 16 23 30 | 6 13 20 27 | 4 11 18 25 | 1 8 15 22 29 |
| SAT | 3 10 17 24 31 | 7 14 21 28 | 5 12 19 26 | 2 9 16 23 30 |

| | SEPTEMBER | OCTOBER | NOVEMBER | DECEMBER |
|---|---|---|---|---|
| SUN | 7 14 21 28 | 5 12 19 26 | 30 2 9 16 23 | 7 14 21 28 |
| MON | 1 8 15 22 29 | 6 13 20 27 | 3 10 17 24 | 1 8 15 22 29 |
| TUE | 2 9 16 23 30 | 7 14 21 28 | 4 11 18 25 | 2 9 16 23 30 |
| WED | 3 10 17 24 | 1 8 15 22 29 | 5 12 19 26 | 3 10 17 24 31 |
| THU | 4 11 18 25 | 2 9 16 23 30 | 6 13 20 27 | 4 11 18 25 |
| FRI | 5 12 19 26 | 3 10 17 24 31 | 7 14 21 28 | 5 12 19 26 |
| SAT | 6 13 20 27 | 4 11 18 25 | 1 8 15 22 29 | 6 13 20 27 |

**PUBLIC HOLIDAYS**

Makar Sankranti-14th January, Subash Chandra Bose Jayanti/Vir Surendra Sai Jayanti-23rd January, Maha Shivaratri-26th February, Panchayatiraj Dibas-5th March, Dola Purnima-14th March, Holi-15th March, Id-Ul-Fitre-31st March, Utkal Divas-1st April, Mahabishuba Sankranti/Dr. B.R Ambedkar Jayanti-14th April, Good Friday-18th April, Budha Purnima/ Birthday of Pandit Raghunath Murmu-12th May, Sabitri Amabasya-27th May, Id-ul-Zuha-7th June, Ratha Yatra-27th June, Independence day/Janmastami-15th August, Ganesh Puja-27th August, Nuakhai-28th August, Birthday of Prophet Mohammad-5th September, Maha Saptami-29th September, Mahastami-30th September, Maha Nabami-1st October, Vijaya Dasami/Gandhi Jayanti-2nd October, Kumar Purnima-7th October, Diwali-21st October, Rasa Purnima-5th November, X-Mas Day-25th December.

**OPTIONAL HOLIDAYS**

Guru Govind Singh Birthday-6th January, Sab-e-Qadr-28th March, Easter Saturday-19th April, Birthday of Raja Ram Mohan Roy-22nd May, Bahuda Yatra-5th July, Anla Nabami-31st October, Prathamastami-12th November, Christmas eve-24th December.

The State Government employees may avail one optional holiday on any festive occasion/commemorative days as listed above. JBP

# ଜନ୍ମାନ୍ତର

କମଳିନୀ କାନ୍ତ

ଦିନେ ସେ ମାଗିଥିଲା ମଳୟରୁ ମହକ, ରାତିରୁ ରଜନୀଗନ୍ଧା, ମେଘରୁ ମୃଦୁମଲ୍ଲାର ଏବଂ ଶରତରୁ ଲାଜର କାକର । ଏଥିରେ ଅବା ତା'ର ଭୁଲ୍ କେଉଁଠି ରହିଲା ଯେ??? ପ୍ରକୃତିର ଅନୁପମ ଲାବଣ୍ୟରେ ନିଜକୁ ପଖାଳିହେବାର ଅନ୍ତରଙ୍ଗ ଆଳାପଗୁଡ଼ିକୁ ନିଦରେ ଅସ୍ପଷ୍ଟ ଭାବରେ ବାଉଳିହେବା ସେଦିନ ରାନୁ ଲାଗି କିଛିବି ନୂଆକଥା ନଥିଲା । ଶୈଶବର ଦୋରଟି ଭାଷା ଶୁଣି ସମସ୍ତେ ଖୁସି ହେଉଥିଲେ । ହେଲେ ବୟସ ଯେତେବେଳେ କୈଶୋରକୁ ଡେଇଁଗଲା ସେତେବେଳେ ଘନଘୋର ଜଙ୍ଗଲ, ପାହାଡ଼ି ଝରଣା, ପ୍ରକାଣ୍ଡ ପ୍ରସ୍ତର ଓ ମୁଣ୍ଡୁରି ଭାଷା ସାମନ୍ତ ପରିବାରକୁ ବ୍ୟତିବ୍ୟସ୍ତ କରି କାଇଲା । ବିଧାନ ସାମନ୍ତ ତଳପଡ଼ା ଗାଁର ମାଲିକ । ଦଶଖଣ୍ଡ ମୌଜାରେ ତାଙ୍କର ନାମ ଡାକ । ଗାଁ ଭାଇଙ୍କ ଭଲମନ୍ଦରେ ଦିନରାତି ଏକା କରିଦିଅନ୍ତି । ସଭିଙ୍କ ଅସୁବିଧାରେ ନିଜେ ମେରିଖୁଣ୍ଟ ସାଜନ୍ତି । ତାଙ୍କ ସ ମ୍ମୁଖରେ ଗାଁର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ କାହାରି ସ୍ୱରଶବ୍ଦ ଶୁଭେନାହିଁ । ତାଙ୍କର ସବୁକିଛି ସଜଡ଼ା ଭିତରେ ଏକମାତ୍ର ଅସଜଡ଼ା ଝିଅ ଥିଲା ନାତୁଣୀ ରାନୁ । ତା' ଅଜଣା ରୋଗର ଉପଚାର ପାଇଁ ଗୁଡ଼ାଏ ମାନସିକ ସାଙ୍ଗକୁ ଗୁଡ଼ିଗାରିଡ଼ିଙ୍କ ଝଡ଼ାଫୁଙ୍କା ମଧ୍ୟ କରାଗଲା । ତା' ହାତ, ଅଣ୍ଟା ଓ ବେକରେ ମାଳମାଳ ତାବିଜ ଝୁଲିଲା । ତଥାପି ରାନୁର ନିଦବାଉଳା ବନ୍ଦ ହେଲାନାହିଁ । କେବେକେବେ ସେ ନିଜ ଭାଷା ଛାଡ଼ି ମୁଣ୍ଡାରି ଭାଷାରେ କଥା ହେଲା । ପୁଣି କେବେ ବେଜୁଣୀ ବିଦ୍ୟାର ଚିତ୍ରସବୁ ଆଙ୍କିଲା । ତେରବର୍ଷ ବୟସରେ ତା' ଆଚରଣ ଏବଂ ଉଚ୍ଚାରଣରେ ବ୍ୟତିକ୍ରମ ଦେଖି ସାରାପରିବାର ତାଜୁବ୍ ହୋଇଗଲା ।

ବିଧାନବାବୁଙ୍କ ଘରଣୀ ରମାଦେଇ ଏସବୁକୁ ଅଣଦେଖା ନକରି ଗ୍ରାମ ପୁରୋହିତଙ୍କୁ ଡାକି ନାତୁଣୀର ଜାତକ ଦେଖାଇଲେ । ପୁରୋହିତେ ଜାତକଟିକୁ ଦେଖି ଗ୍ରହଶାନ୍ତି ମହାଯଜ୍ଞ ପାଇଁ ପରାମର୍ଶ ରଖିଲେ । ପୁରୋହିତେଙ୍କ କହିବା ମୁତାବକ ତଳପଡ଼ା ଗାଁରେ ଗ୍ରହଶାନ୍ତି ମହାଯଜ୍ଞଟିର ଆୟୋଜନ କରାଗଲା ସତ ହେଲେ ବିଧାନବାବୁ ରାନୁର ବ୍ୟବହାରରେ କୌଣସି ସୁଧାର ଲକ୍ଷ୍ୟ କରିନପାରି ମନଦୁଃଖରେ ଥା'ନ୍ତି । ତଥାପି ଚେଷ୍ଟା ତାଙ୍କର ଜାରି ରହିଥାଏ । ନିରାଶାର ପାହାଚ ଯେତେଯେତେ ଲମ୍ବିଲମ୍ବି ଯାଉଥାଏ ସେତେସେତେ ବିଧାନବାବୁଙ୍କ ମନରେ ଜନ୍ମଜନ୍ମାନ୍ତରକୁ ନେଇ ବିଶ୍ୱାସ ଘନୀଭୂତ ହେବାରେ ଲାଗିଥାଏ । ବୟସ ତାଙ୍କର ସତୁରୀ ଛୁଇଁବ । ପରି କ୍ୱ ଅନୁଭୂତିକୁ ନେଇ ଥରେ ସ୍ତ୍ରୀ ରମାଦେଇଙ୍କୁ କହିଲେ ତମେ ତମ ନାତୁଣୀର ଅଜଣା ରୋଗରୁ ମୁକ୍ତି ପାଇଁ ଏତେସବୁ ଚେଷ୍ଟା କରିଛ ହେଲେ ମୋ କଥା ଥରେ ମାନ । ରମାଦେଇ ଉତ୍ତରରେ କହିଲେ ନାତୁଣୀଟା କ'ଣ ଖାଲି ମୋର ...? ସେଇଥି ।ଇଁ ତ କହୁଛି ତମକୁ ଏଥର ତମେ ନିଜେ କିଛି କର । ମୁଁ ଏକୁଟିଆ ଘରେ ରହିବି । ତମେ ପୁଅ, ବୋହୂ ଓ ନାତୁଣୀକୁ ନେଇ କିଛିଦିନ ପାଇଁ ଏ ଘର ଛାଡ଼ି ବାହାରେ ଟିକିଏ ବୁଲାବୁଲି କରିଆସିଲେ ଭାବୁଛି ସବୁକିଛିରେ ପରିବର୍ତ୍ତନ ଆସିଯିବ । ସ୍ୱାମୀଙ୍କ କଥାଟି ସେଦିନ ରମାଦେଇଙ୍କ ମନକୁ ଠିକ୍ ପାଇଗଲା । ତାଙ୍କ କଥାରେ ସେ ଏକମତ ହେଲେ । ବିଧାନବାବୁଙ୍କୁ ଏକା ଘରେ ଛାଡ଼ିଗଲେ ତାଙ୍କର ବୁଲାରେ କ'ଣ ମନ ଲାଗିବ ଯେ ସେ ପୁଅ, ବୋହୂ ଓ ନାତୁଣୀ ସହିତ ବୁଲି ।ରିବେ ! ସେଥି ।ଇଁ ସେ ପୁଅ ଗୌରବକୁନେଇ ରାନୁର ନୂଆ ନୂଆ ଜାଗାର ପରିଭ୍ରମଣ ପାଇଁ ଯୋଗାଡ଼ ଯନ୍ତ୍ରରେ ଲାଗି ଡ଼ିଲେ ।

ପ୍ରଥମ ଯାତ୍ରାରେ ପୁଅ ଗୌରବ ପ୍ରକୃତିର ଗନ୍ତାଘର ପୁଣି ଜନଜାତି ଅଧ୍ୟୁଷିତ ଅଞ୍ଚଳ କୋରାପୁଟକୁ ବାଛିନେଲେ । ଘର ଆଗରେ ଟ୍ୟାକ୍ସି ଲାଗିଗଲା । ସମସ୍ତେ ତରତର ହୋଇ ବାହାରୁଥାନ୍ତି । ଟ୍ୟାକ୍ସି ପାଖରେ ଗାଁ ଲୋକେ ଜମା ହୋଇଥାନ୍ତି । ସମସ୍ତେ ନିରବତାରେ ଅନେକ କିଛିକୁ ଇଶାରା କରୁଥାନ୍ତି । ବଡ଼ ଘରର ଗୁମର ଫିଟିବା ଏତେ ସହଜ କଥାନୁହେଁ । ବିଧାନବାବୁ ଏବଂ ତାଙ୍କ ସ୍ତ୍ରୀ ଆସି ପୁଅ, ବୋହୂ ଓ ନାତୁଣୀକୁ କିଛିବାଟ ବାଟେଇ ଦେଇଗଲେ । ମନରେ ସମସ୍ତଙ୍କର ଉଚ୍ଚ ଆଶା ଥାଏ । କାହିଁକିନା ବୁଲାବୁଲି କଥା ଶୁଣି ନାତୁଣୀର ମନ ବେଶ୍ ଖୁସି ଥିଲା । ଟ୍ୟାକ୍ସି ମାଡ଼ିଚାଲିଥାଏ ଆଗକୁ ଆଗକୁ । ରାସ୍ତାକଡ଼ର ଗଛମାନେ ଟ୍ୟାକ୍ସି ସହିତ ତାଳଦେଇ ପ୍ରତିଦ୍ୱନ୍ଦ୍ୱିତା କରୁଥାନ୍ତି । ଶୁଭଚିନ୍ତକ ବୋଲିତ ବହୁତ କିଛିର ଶୁଭସଂକେତ ପାଉଥା'ନ୍ତି ରାନୁର ବାପା ଓ ବୋଉ । ମନ ସମସ୍ତଙ୍କର ଆନନ୍ଦରେ ଭରାଭରା ଲାଗୁଥାଏ । ଦାମନ୍‌ଯୋଡ଼ିରୁ କୋରାପୁଟର ସଦର ମହକୁମା । ସେଠାରୁ ଆଉ ମାତ୍ର ଦୁଇଘଣ୍ଟାର ରାସ୍ତା ଡୁଡୁମା (ଜଳପ୍ର ।ତ) । ନୂଆ ଜାଗା ଯିବେ । ପାହାଡ଼ି ଝରଣା ଦେଖିବେ । କେଡ଼େ ବଡ଼ବଡ଼ ଶିଳାଖଣ୍ଡ, ଜଙ୍ଗଲୀ ଜନ୍ତୁ, ନାନା ପ୍ରଜାତିର ପକ୍ଷୀ, ରକମାରି ଜଙ୍ଗଲୀ ଗଛ ତା'ସାଙ୍ଗକୁ ଭିନ୍ନ ଭିନ୍ନ ରଙ୍ଗର ରଙ୍ଗିଣୀ ଫୁଲ ଦେଖୁଦେଖୁ ରାନୁର ମନ ଉଦ୍‌ବେଳିତ ହୋଇଯାଉଥାଏ । ଚୈତ୍ର ଶେଷ ସାଙ୍ଗକୁ ନିଦାଘର ଆଗମନ । ଫୁଲେଇ ଫଗୁଣ ଛାତିରେ ଖେଳୁଥାଏ ଚଇତି ଶିହରଣ । ମଝିରେ ମଝିରେ ଦଲ୍‌କା ଦଲ୍‌କା ଥଣ୍ଡା ପବନ । ତନୁମନରେ ଭରୁଥାଏ ମାଦକତା । ହଠାତ୍ ଟ୍ୟାକ୍ସି ଅଟକିଗଲା ଜଙ୍ଗଲ ରାସ୍ତାରେ । ଷ୍ଟାର୍ଟ ଧରିଲା ନାହିଁ । ଡ୍ରାଇଭର୍ ପ୍ରଚେଷ୍ଟାରେ ବିଫଳ । ଯାନ୍ତ୍ରିକ ତ୍ରୁଟି ପାଇଁ ଦୁଇ ଚାରିଘଣ୍ଟା ସମୟ ମାଗିଲା । ନିବିଡ଼ ଅରଣ୍ୟ । ଅନାଦି କାଳରୁ ସେ ବନରେ କୌଣସି ମାନବର ପାଦ ପଡ଼ିଛି କି ନା ସନ୍ଦେହ । ତଥାପି ରାନୁର ଆଗ୍ରହ ଦେଖି ବାପା ମା' ଗାଡ଼ିରୁ ଓହ୍ଲାଇ ପଡ଼ିଲେ କିଛି ବାଟ ବୁଲିଯିବାକୁ । ଗୌରବ, ସାଧନା ଏବଂ ରାନୁ ରାସ୍ତାରେ କିଛି ବାଟ ଯିବା ଉତ୍ତାରୁ ଦେଖିଲେ ଝିଅ ରାନୁ ଜଙ୍ଗଲ ଭିତରେ ପ୍ରବେଶ କରିବା ପାଇଁ ବ୍ୟଗ୍ର ହେଉଛି । ବାପା ମା' ଝିଅର ଇଚ୍ଛାକୁ ସହମତି ଜଣାଇଲେ ।

